

**ନିବେଶ ଆଳରେ ୮୧ ଲକ୍ଷ ଠକେଇ**

# ଭୋପାଳରୁ ମ୍ୟୁଲ୍ ଆକାଉଣ୍ଟଧାରୀ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ନିବେଶ ଆଳରେ ବରିଷ୍ଠ ନାଗରିକଙ୍କୁ ଠକେଇ ଘଟଣାରେ ଭୋପାଳରୁ ମ୍ୟୁଲ୍ ଆକାଉଣ୍ଟଧାରୀକୁ ଗିରଫ କରିଛି ସାଇବର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଭୋପାଳ ଅରେରା ଥାନା ବଲ୍ଲଭ ନଗରର ଆକାଶ କୌଶିକ (୨୫)।

**୧୦ ରାଜ୍ୟରୁ ଠକିଛନ୍ତି ଟଙ୍କା**

ପୁଲିସ ସୂଚନାନୁସାରେ, କିଛିମାସ ପୂର୍ବେ ଜଣେ ଅଜଣା ବ୍ୟକ୍ତି ନୂଆପଲ୍ଲୀ ଏକାମ୍ର ଭିଲ୍ଲା ଛକ ଅଞ୍ଚଳର ନିରଞ୍ଜନ ବୋଇତାଇଙ୍କୁ ଏକ ହ୍ୱାଟ୍ସଆପ ଗ୍ରୁପରେ ସାମିଲ କରି ଦେଇଥିଲା। ସେଠାରେ ଗ୍ରୁପ୍ ଆଡମିନ୍ ନିଜକୁ ସେୟାର ମାର୍କେଟ ବିଶେଷଜ୍ଞ ବୋଲି ପରିଚୟ ନିବେଶ କରିବାକୁ ପ୍ରବର୍ତ୍ତାଇଥିଲା। ନିରଞ୍ଜନ ସାଇବର ଠକଙ୍କ ଚାଲ୍ ବୁଝି ନ ପାରି ସେ କହିବା ଅନୁସାରେ ମାଭରିକ୍ କ୍ୟାପ୍ ନାମକ ଆପ୍ ଇନଷ୍ଟଲ୍ କରିଥିଲେ। ସେହି ଆପ୍ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୮୧ ଲକ୍ଷ ୩୦ ହଜାର ଟଙ୍କା ସେୟାର ମାର୍କେଟରେ ନିବେଶ କରିଥିଲେ। ଏମିତି କିଛିଦିନ ଯିବା ପରେ ନିବେଶ ଟଙ୍କା ବ୍ୟାଙ୍କ୍ ଆକାଉଣ୍ଟକୁ ଫେରାଇ ଆଣିବା ପାଇଁ ସାଇବର ଠକଙ୍କୁ କହିଥିଲେ। ହେଲେ ସେମାନେ ଆଜିକାଲି କହି ଦିନ ଗଡ଼ାଇବା ସହ ଶେଷରେ ମାଭରିକ୍ କ୍ୟାପ୍ ଆପ୍ଲିକେସନ ବ୍ଲକ କରି ଦେଇଥିଲେ। ଏନେଇ ନିରଞ୍ଜନ ସାଇବର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।



ନିରଞ୍ଜନଙ୍କ ଠାରୁ ବ୍ୟାଙ୍କ୍ ନେଣଦେଣର ତଥ୍ୟ, ହ୍ୱାଟ୍ସଆପ ଚାଟ୍ ଓ ଅନ୍ୟାନ୍ୟ ପ୍ରମାଣ ସଂଗ୍ରହ କରିଥିଲା। ମୋଟ ୮୧ ଲକ୍ଷ ଟଙ୍କା ଠକେଇ ହୋଇଥିବା ବେଳେ ସେଥିରୁ ୧୩ ଲକ୍ଷ ଟଙ୍କା ଏଏସ୍ ଟ୍ରେଡର୍ସ ନାମକ ଏକ କମ୍ପାନୀର ବ୍ୟାଙ୍କ୍ ଆକାଉଣ୍ଟକୁ ଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ଆକାଶ କୌଶିକ ଓ ସୁଜିତ୍ ରାଇକ୍ୱାରର ମାଲିକାନାରେ ଥିବା ଜାଣିବା ପରେ ଖୋଳତାଡ଼ କରିଥିଲା। ଆକାଶ ଘର ଭୋପାଳରେ ହୋଇଥିବା ଜାଣି ସାଇବର ଥାନା ପୁଲିସ ସେଠାରେ ଡେରା ପକାଇଥିଲା। ସ୍ଥାନୀୟ ଅରେରା ଥାନା ସହାୟତାରେ ବଲ୍ଲଭ ନଗରରୁ ଆକାଶକୁ ଗିରଫ କରିଥିଲା।

ଆକାଶ ଠାରୁ ଆଇଫୋନ ସମେତ ୨ଟି ମୋବାଇଲ, ଆଧାର କାର୍ଡ ଓ ପ୍ୟାନ କାର୍ଡ ଜବତ କରିଥିଲା। ଆକାଶ ଓ ସୁଜିତ ମାଲିକାନାରେ ଥିବା ଏଏସ୍ ଟ୍ରେଡର୍ସର ବ୍ୟାଙ୍କ୍ ଆକାଉଣ୍ଟଟି ଅନ୍ୟ ସାଇବର ଠକେଇ ମାମଲାରେ ସମ୍ପୃକ୍ତ ଥିବା ତଦନ୍ତ ବେଳେ ଜଣାପଡ଼ିଛି। ଦିଲ୍ଲୀ, ତାମିଲନାଡ୍ର, ହରିୟାଣା, ବିହାର, କର୍ଣ୍ଣାଟକ, ଗୁଜରାଟ, ରାଜସ୍ଥାନ, କେରଳ, ମହାରାଷ୍ଟ୍ର ଓ ତେଲେଙ୍ଗାନାରେ ହୋଇଥିବା ୨୮ଟି ସାଇବର ଠକେଇ ମାମଲାରେ ଏହି ବ୍ୟାଙ୍କ ଆକାଉଣ୍ଟର ସମ୍ପୃକ୍ତି ଥିବା କଥା ସାମ୍ନାକୁ ଆସିଛି। ସମୀର ଖାନ୍ ନାମକ ଜଣେ ଏଜେଣ୍ଟ ଆକାଶ ଓ ସୁଜିତ ଠାରୁ ବ୍ୟକ୍ତିଗତ ପରିଚୟପତ୍ର ନେଇ ଏଏସ୍ ଟ୍ରେଡର୍ସ ନାମରେ ଏକ କମ୍ପାନୀ ଓ ବ୍ୟାଙ୍କ୍ ଆକାଉଣ୍ଟ ଖୋଲିଥିଲା। ଉକ୍ତ ଆକାଉଣ୍ଟ ମାଧ୍ୟମରେ ସାଇବର ଠକେଇ ଟଙ୍କା ଗ୍ରହଣ କରୁଥିବା ବେଳେ ଆକାଶ ଓ ସୁଜିତ କମିସନ ପାଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି।

## ଓପିଜିସି ଟେଣ୍ଡର ଆଳରେ ୧୯ ଲକ୍ଷ ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ଓପିଜିସି ଟେଣ୍ଡର ଆଳରେ ୧୯ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଝାରସୁଗୁଡ଼ା ଜିଲ୍ଲା ବନହରପାଲି ଥାନା ଓପିଜିସି କ୍ୟାମ୍ପସରେ ରହୁଥିବା ବଲାଙ୍ଗୀର ମଲାପଡ଼ାର ଓଁକାର ପଟ୍ଟନାୟକ (୪୪)। ଘଟଣାର ଅନ୍ୟତମ ଅଭିଯୁକ୍ତ ତଥା ଓଁକାରର ଭାଇ ଜ୍ୟୋତିରଞ୍ଜନ ପଟ୍ଟନାୟକ ଫେରାର ରହିଛି। ପୁଲିସ ସୂଚନା ମୁତାବକ, ଓଁକାର ଓ ଜ୍ୟୋତିରଞ୍ଜନ ୨୦୨୩ ମସିହାରେ ଟଙ୍କପାଣି ରୋଡ ଗତିକୃଷ୍ଣ ଲଗୁନ୍ ଆପାର୍ଟମେଣ୍ଟରେ ରହୁଥିବା ଅସୀମ ଦାସଙ୍କ ପାଖକୁ ଆସିଥିଲେ। ଓପିଜିସି ଟେଣ୍ଡର କାମରେ ନିବେଶ କରିଲେ ଭଲ ଲାଭ ମିଳିବ ବୋଲି ପ୍ରବର୍ତ୍ତାଇଥିଲେ। ଅସୀମ, ତାଙ୍କ ଭାଇ ଅମ୍ଳାନ ଓ ସମ୍ପର୍କୀୟ ମିଶି ଓଁକାର ଓ ଜ୍ୟୋତିରଞ୍ଜନଙ୍କୁ ୧୮ ଲକ୍ଷ ୯୦ ହଜାର ଟଙ୍କା ଦେଇଥିଲେ। ଟଙ୍କା ଫେରସ୍ତ ମାଗିବାରୁ ଅଭିଯୁକ୍ତମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଏନେଇ ଅସୀମଙ୍କ ପତ୍ନୀ ଜୟଦର୍ଶିନୀ ବୈଠାରୁ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ଆପୋଲୋ ହସ୍ପିଟାଲ ନିକଟରେ ଚଢ଼ଉ କରି ଓଁକାରକୁ ଗିରଫ କରିଛି। ଅଭିଯୁକ୍ତମାନେ ସମାନ କଥା କହି ଅନେକ ଲୋକଙ୍କ ନିକଟରୁ ଲକ୍ଷାଧିକ ଟଙ୍କା ଠକି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଛି।



**ଆଉ ଜଣେ ଭାଇ ଫେରାର**

## ଚାକିରି ଦେବା ଆଳରେ ଠକେଇ; ମହିଳା ସ୍ୱେଚ୍ଛାସେବୀ ଗିରଫ



ଭୁବନେଶ୍ୱର, ୧୪।୨(ସମିସ): ଲୋକ ସମ୍ପର୍କ ବିଭାଗରେ ପୁଅକୁ ଲୋକ ସମ୍ପର୍କ ଅଧିକାରୀ ଭାବେ ଚାକିରି କରାଇଦେବାକୁ କହି ଅବସରପ୍ରାପ୍ତ ଶିକ୍ଷକଙ୍କ ଠାରୁ ୨୨ଲକ୍ଷ ଟଙ୍କା ଲୁଟ୍ ଅଭିଯୋଗରେ ଗିରଫ ହେଲେ ସ୍ୱେଚ୍ଛାସେବୀ ସୁରେଶ୍ୱରୀ ସାଗରିକା ଜେନା। ତାଙ୍କ ଘର କେନ୍ଦୁଝର ଜିଲ୍ଲା ନନ୍ଦୀପଦା ଥାନା ଅଞ୍ଚଳରେ ହୋଇଥିବା ବେଳେ ବର୍ତ୍ତମାନ ସେ ଖଣ୍ଡଗିରି ଥାନା ଅନ୍ତର୍ଗତ କିଷ୍ଟ୍ରା ପ୍ଲାଜାର ଫ୍ଲାଟ ନଂ ୪୦୨ରେ ରହୁଥିବା ଜଣାପଡ଼ିଛି। ଏନେଇ ନୃସିହ ଚରଣ ପଣ୍ଡା ନାମକ ଜଣେ ଅବସରପ୍ରାପ୍ତ ଶିକ୍ଷକ ଖଣ୍ଡଗିରି ଥାନାରେ ୨୦୨୫ ମସିହା ଜୁଲାଇ ୧୦ ତାରିଖରେ ଅଭିଯୋଗ କରିଥିଲେ। ପୁଲିସ ସୂଚନା ମୁତାବକ, ୨୦୨୨ ମସିହାରେ ଓପିଏସ୍‌ସି ପକ୍ଷରୁ ଏସଂକ୍ରାନ୍ତ ନିଯୁକ୍ତି ପ୍ରକାଶ ପାଇଥିଲା। ଚାକିରି କରାଇଦେବାକୁ କହି ସୁରେଶ୍ୱରୀ ୨ଟି ପର୍ଯ୍ୟରେ ୨୧ ଲକ୍ଷ ୩୦ ହଜାର ଟଙ୍କା ଅଗ୍ରୀମ ନେଇଥିଲେ। ପରବର୍ତ୍ତୀ ସମୟରେ ତାଙ୍କ ପୁଅ ପରୀକ୍ଷାରେ କୃତକାର୍ଯ୍ୟ ନ ହେବାରୁ ସେ ଏନେଇ ସୁରଶ୍ୱେରୀଙ୍କୁ କହିବା ସହ ଦେଇଥିବା ଟଙ୍କାକୁ ଫେରସ୍ତ କରିବାକୁ ଦାବି କରିଥିଲେ। ହେଲେ ସୁରେଶ୍ୱରୀ ଶିକ୍ଷକଙ୍କୁ ଟଙ୍କା ଫେରସ୍ତ କରି ନ ଥିଲେ। କିମ୍ବା ତାଙ୍କ ସହ ଯୋଗାଯୋଗ ରକ୍ଷା କରି ନ ଥିଲେ। ଏନେଇ ଅଭିଯୋଗକାରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତ ସମାଜସେବୀଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି।

**● ରାଜଧାନୀରେ ସିନ୍ଧି ଚୋରଙ୍କ ଆତଙ୍କ**

## ବରମୁଣ୍ଡା ପରେ ରଣସିଂହପୁରରେ ମାତିଲେ

ଭୁବନେଶ୍ୱର, ୧୪।୨ (ସମିସ): ରାଜଧାନୀରେ ପୁଣି ଆତଙ୍କ ଖେଳାଇଛନ୍ତି ସିନ୍ଧି ଚୋର। ନିକଟରେ ବରମୁଣ୍ଡାରୁ ସୁନାଗହଣା ଲୁଟିଥିବା ବେଳେ ଏବେ ରଣସିଂହପୁରରେ କଳାକନା ବୁଲାଇଛନ୍ତି। ଏନେଇ ମାନବେନ୍ଦ୍ର ନାରାୟଣ ବିଷୋୟୀ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ମାନବେନ୍ଦ୍ର ଓ ତାଙ୍କ ପରିବାର ରଣସିଂହପୁର ସ୍ଥିତ ପ୍ଲଟ୍ ନଂ ୨୦୪/୮ ୯ ୮ ରେ ରୁହନ୍ତି। ଗତ ୮ ତାରିଖରେ ଏକ ବିବାହ ଉତ୍ସବରେ ଯୋଗଦେବାକୁ ସପରିବାର ପୁରୀ ଯାଇଥିଲେ। ଏହାର ସୁଯୋଗ ନେଇ ଘରେ ପଶି ଆଲମାରି ଭାଙ୍ଗି ଦେଇଥିଲା ଲୁଟେରା। ସେଥିରେ ଥିବା ଗୋଟିଏ ସୁନା ହାର, ୨ଟି ସୁନା ଚେନ, ଗୋଟିଏ ସୁନା ମଙ୍ଗଳସୂତ୍ର, ସୁନା କାନଫୁଲ ୫ ହଳ, ୩ଟି ସୁନା ମୁଦି, ପିଲାଙ୍କ ସୁନା ଚେନ, ଲକେଟ୍ ଓ ୨୦ ହଜାର ଟଙ୍କା ଚୋରି କରି ନେଇଥିଲା। ପରଦିନ ସକାଳୁ ଘରକୁ ଫେରିବା ବେଳକୁ ତାଲା ଭଙ୍ଗା ହୋଇଥିଲା। ଘରର ଆସବାବପତ୍ର ଖେଳେଇ ହୋଇ ପଡ଼ିଥିଲା। ଆଉ ଆଲମାରି ଦେଖିବା ବେଳକୁ ସବୁ ସୁନାଗହଣା ଚୋରି ହୋଇ ଯାଇଥିଲା। ଚୋର ଆସିବାର ଦୃଶ୍ୟ ସିସିଟିଭି ଫୁଟେଜରେ କଏଦ ହୋଇଥିଲା। ଜଣେ ଦୁର୍ବୃତ୍ତ ଆସି ଘର ଭିତରୁ ସୁନାଗହଣା ଚୋରି କରି ନେଉଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ମାନବେନ୍ଦ୍ର ଏନେଇ ଖଣ୍ଡଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୮୧ ଗ୍ରାମ ଓଜନର ବା ୧୨ ଲକ୍ଷ ଟଙ୍କାର ସୁନାଗହଣା ଚୋରି ହୋଇଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି।

## ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି; ଦୁଇ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ତାଲା ଭାଙ୍ଗି ସରକାରୀ କ୍ୱାର୍ଟର୍ସରୁ ଚୋରି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ବଡ଼ଗଡ଼ ଶବର ସାହି ବସ୍ତିରେ ରହୁଥିବା ବଟକୃଷ୍ଣ ସ୍ୱାଇଁ (୩୨) ଓ ୟୁନିଟ୍ ୨ ଅଞ୍ଚଳରେ ରହୁଥିବା ବାଦଲ ବେହେରା (୨୫)। ଘଟଣାରେ ସମ୍ପୃକ୍ତ ପପୁନି ଓ ଟିମ ଫେରାର ରହିଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ଗୁରୁବାର ସକାଳେ ୟୁନିଟ୍ ୨ ଅଞ୍ଚଳର ସରକାରୀ କ୍ୱାର୍ଟର୍ସରେ ରହୁଥିବା ଓକାକର କର୍ମଚାରୀ ଏନ୍ ତୁଳସୀ ରେଡ୍ଡୀ ଘର ତାଲା ପକାଇ ଅଫିସ୍ ଯାଇଥିଲେ। ସେହି ସମୟରେ ବଟକୃଷ୍ଣ, ବାଦଲ, ପପୁନି ଓ ଟିମା ମିଶି ତାଙ୍କ କବାଟ ତାଲା ଭାଙ୍ଗି ଘରେ ପଶିଥିଲେ। ଆଲମାରିରେ ଥିବା ୩ ହଳ ସୁନା କାନଫୁଲ, ଗୋଟିଏ ସୁନା ଲକେଟ୍, ଗୋଟିଏ ଆଇଫୋନ ଓ ୪ ଲକ୍ଷ ଟଙ୍କା ଚୋରି କରି ନେଇଥିଲେ। ତୁଳସୀ ଘରକୁ ଫେରିବା ବେଳକୁ ଆସବାବପତ୍ର ଏଣେତେଣେ ପଡ଼ିଥିବା ବେଳେ ଆଲମାରି ଭଙ୍ଗା ହୋଇଥିବା ଦେଖିଥିଲେ। ଆଲମାରି ଭିତରେ ଥିବା ସୁନାଗହଣା ଓ ନଗଦ ୪ ଲକ୍ଷ ଟଙ୍କା ଚୋରି ହୋଇଥିବା ଜାଣି କ୍ୟାପିଟାଲ ଥାନାରେ ଏତଲା ଦେଇଥିଲେ। ପୁଲିସ ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ପ୍ରଥମେ ବାଦଲକୁ ଉଠାଇ ଆଣିଥିଲା। ତା' ଠାରୁ ସୂଚନା ପାଇ ବଟକୃଷ୍ଣକୁ ଗିରଫ କରିଥିଲା। ଦୁଇ ଜଣଙ୍କ ଠାରୁ ୮୨ ହଜାର ୮୦୦ ଟଙ୍କା, ସ୍କ୍ରୁ ଡ୍ରାଇଭର, କଟର୍ ମେସିନ୍ ଜବତ କରିଥିଲା। ପୂର୍ବରୁ ବାଦଲ ନାମରେ କ୍ୟାପିଟାଲ ଥାନାରେ ଓ ବଟକୃଷ୍ଣ ନାମରେ ଖାରବେଳ ନଗର ଥାନାରେ ଗୋଟିଏ ଲେଖାଏଁ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

## ଦୋକାନ ଡ୍ର'ରୁ ଟଙ୍କା ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୧୪।୨ (ସମିସ): ଦୋକାନ ଡ୍ର'ରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କେଦାରପଲ୍ଲୀ ବସ୍ତିର ବସନ୍ତ ନାୟକ ଓରଫ୍ ବାସୁ (୨୭)।

ପୁଲିସ ସୂଚନାନୁଯାୟୀ, ବାପୁଜୀ ନଗରର ତେଜରାତି ଦୋକାନ କରିଥିବା ଶ୍ୱେତ ବସନ୍ତ ପଣ୍ଡା ଗତକାଲି ସକାଳେ ଦୋକାନ ଖୋଲିଥିଲେ। ଦିନ ପ୍ରାୟ ୧୧ଟା ବେଳକୁ ସେ ପାଣି ପିଇବା ପାଇଁ ଦୋକାନ ଭିତରକୁ ଯାଇଥିବା ବେଳେ ବାସୁ ଖୋଲାଥିବା ଡ୍ର'ରୁ ୧୦ ହଜାର ଟଙ୍କା ଚୋରିକରି ନେଇଥିଲା। ବାସୁ ହିଁ ଟଙ୍କା ଚୋରି କରିଥିବା ଜାଣି ଦୋକାନର ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିଥିଲେ। ଏନେଇ ଶ୍ରୀ ପଣ୍ଡା କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଶନିବାର ବାସୁକୁ ଗିରଫ କରିବା ସହ ତା' ଠାରୁ ୩୨୭୦ ଟଙ୍କା ଜବତ କରିଥିଲା। ଅବଶିଷ୍ଟ ଟଙ୍କା ଖର୍ଚ୍ଚ ସେ କରିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ବାସୁ ନାମରେ ପୂର୍ବରୁ ଶ୍ରୀ ଲିଙ୍ଗରାଜ ଓ କ୍ୟାପିଟାଲ୍ ଥାନାରେ ଡକାୟତି, ଘର ଭଙ୍ଗା ଓ ଚୋରି ସମ୍ପର୍କିତ ୫ ଟି ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା।

**ରାଜଧାନୀରେ ପୁଣି ଛାତିଥରା ଦୁର୍ଘଟଣା**

# ଡାଲା ଅଟୋକୁ ଧକ୍କାଦେଲା ଟ୍ରାଭେଲର୍

ଭୁବନେଶ୍ୱର, ୧୪।୨(ସମିସ): ରାଜଧାନୀରେ ପୁଣି ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଶନିବାର ଏକ ବ୍ୟାଟେରୀ ଚାଳିତ ଡାଲା ଅଟୋକୁ ସାମ୍ନାରୁ ଟ୍ରାଭେଲର ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ବଡ଼ଗଡ଼ ବ୍ରିଟ୍ କଲୋନୀ ମୁଖ୍ୟରାସ୍ତାରେ ଶନିବାର ସକାଳ ସମୟରେ ଏହି ଦୁର୍ଘଟଣା

**ହୋମ୍‌ଗାର୍ଡଙ୍କ ସମେତ ୪ ଆହତ**

ଘଟିଛି। ଏଥିରେ ଜଣେ ହୋମଗାର୍ଡଙ୍କ ସମେତ ୪ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ଯାହା ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏହି ଦୁର୍ଘଟଣା କେତେ ଯେ ଭୟଙ୍କର ଥିଲା ତାହା ଭିଡିଓରୁ ସ୍ପଷ୍ଟ ଦେଖିବାକୁ ମିଳିଛି। ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡିକୁ ଜବତ କରି ବଡ଼ଗଡ଼ ଥାନାକୁ ନେଇଛି। ଅଟୋଟି ଭାଙ୍ଗିରୁଜି ଚେପା ହୋଇଯାଇଥିବା ବେଳେ ଟ୍ରାଭେଲର ସାମ୍ନାପାର୍ଶ୍ୱ କ୍ଷତିଗ୍ରସ୍ତ ହୋଇଛି। ଡ୍ରାଇଭର ଜଣକ ମଦ୍ୟପାନ କରି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ବନମାଳିପୁର ଗ୍ରାମର ନିରଞ୍ଜନ ବେହେରା। ତାଙ୍କୁ ପୁଲିସ ଟିମ୍ ଅଟକ ରଖି ପଚରାଉଚରା କରୁଛି। ଅନ୍ୟପକ୍ଷରେ ଅଟୋ ଚାଳକଙ୍କ ପରିଚୟ ମିଳି ନ ଥିବା ବେଳେ ସେ ମଧ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ହୋମଗାର୍ଡ ଚା ପିଉଥିବାବେଳେ ଦୁର୍ଘଟଣା ହୋଇଥିଲା। ସେ ରାସ୍ତାରେ ଠିଆ ହୋଇ ଚା' ପିଉଥିବାବେଳେ ଦୁର୍ଘଟଣାର ଶିକାର ହୋଇଥିଲେ। ଗୁରୁ ଭୁବନେଶ୍ୱର ଟ୍ରାଫିକ ଥାନା-୨ରେ କାର୍ଯ୍ୟରତ ଅଛନ୍ତି। ତାଙ୍କର ସ୍ୱାସ୍ଥ୍ୟବସ୍ଥା ବିପଦ ଥିବା ଜଣାପଡ଼ିଛି।

ଦ୍ରୁତଗତିରେ ମାଡ଼ିଆସିଲା ଟ୍ରାଭେଲର। ଡାଲା ଧକ୍କା ଖାଇ ଅଟୋଟି ପଛକୁ ଠେଲି ହୋଇ ଗଡ଼ି ପଡ଼ିଥିଲା। ଅଟୋ ଡାଲା ବାଜି ହୋମଗାର୍ଡ ଏବଂ ଅନ୍ୟମାନେ ଆହତ ହୋଇଥିଲେ। ଦୁର୍ଘଟଣାସ୍ଥଳରେ ପାଉଁରୁଟି ଆଦି ବିଛାଇ





ଅଟୋରେ ପାଉଁରୁଟି ସମେତ ଅନ୍ୟାନ୍ୟ ସ୍ନାକ୍ସ ସାମଗ୍ରୀ ଥିଲା। ସକାଳ ପ୍ରାୟ ୮ଟା ୩୨ ବେଳେ ଡ୍ରାଇଭର ଉକ୍ତ ଅଟୋକୁ ଚାରିଛକ ପାଶ୍ୱରୁ ବରଗଡ଼ ବ୍ରିଟ୍ କଲୋନୀ ରାସ୍ତା ଦେଇ କଳ୍ପନା ଅଭିମୁଖେ ନେଉଥିଲେ। ଟ୍ରାଭେଲରେ କୌଣସି ଯାତ୍ରୀ ନ ଥିଲେ। ଡ୍ରାଇଭର ଗାଡ଼ିକୁ କଳ୍ପନା ପଟରୁ ଚାରିଛକ ଆଡ଼କୁ ନେଉଥିଲେ। ମା ସୁରାଦେଇ ଭେରାଇଟି ଷ୍ଟୋର ଏବଂ ଟିଫିନ ସେଣ୍ଟର ପାଖରେ ଟ୍ରାଭେଲରଟି ଅଟୋକୁ ଶକ୍ତ ଧକ୍କା ଦେଇଥିଲା। ଟ୍ରାଭେଲରର ବେଗ ଏତେ ତୀବ୍ର ଥିଲା ଯେ ହୋଇ ପଡ଼ିବା ସହ କାଚ ଭାଙ୍ଗି ରାସ୍ତାରେ ପଡ଼ିଥିଲା। ଟ୍ରାଭେଲର ଡ୍ରାଇଭର ନିଶାସକ୍ତ ଥିଲେ, ମୁଁ ଅଳ୍ପକେ ବର୍ତ୍ତିଗଲି ବୋଲି ପ୍ରତ୍ୟକ୍ଷଦର୍ଶୀ ଭଗବାନ ବେହେରା କହିଛନ୍ତି। ଚା ପିଉଥିବା ବେଳେ ଏହି ଦୁର୍ଘଟଣା ଘଟିଲା। ଟ୍ରାଭେଲର ଡ୍ରାଇଭର ପ୍ରବଳ ମଦ୍ୟପାନ କରିଥିଲେ। ଦୁର୍ଘଟଣାସ୍ଥଳରୁ ସାମାନ୍ୟ ଦୂରରେ ଛିଡା ହୋଇଥିବାରୁ ମୁଁ ଅଳ୍ପକେ ବର୍ତ୍ତିଯାଇଥିଲି। ଚା ଦୋକାନୀ ହେମନ୍ତ କୁମାର ସାହୁଙ୍କ କିଛି ସାମଗ୍ରୀ ମଧ୍ୟ ନଷ୍ଟ ହୋଇଥିବା ଭଗବାନ କହିଛନ୍ତି।

**ଶିବରାତ୍ରି କଟକଣା**

# ମନ୍ଦିର ପରିସରକୁ ପ୍ଲାଷ୍ଟିକ୍ ମନା

ଭୁବନେଶ୍ୱର, ୧୪।୨(ସମିସ): ମହାଶିବରାତ୍ରୀ ପାଇଁ ଗାଁରୁ ସହର ସବୁଠି ଉତ୍ସବ ମୁଖର। ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ମନ୍ଦିରରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ଆଗମନକୁ ଦୃଷ୍ଟିରେ ରଖି ମନ୍ଦିର ପରିସରକୁ କେହି ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍‌ରେ ଭୋଗ ଓ ପୂଜା ସାମଗ୍ରୀ, ପ୍ରସାଦସେବନ ତଥା ଖାଦ୍ୟ ସାମଗ୍ରୀ ନେବାକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନ କରିବା ଲାଗି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ପରିବେଶ ସୁରକ୍ଷା ନିମନ୍ତେ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ପରିଚାଳନା ନିୟମ, ୨୦୧୬ ଏବଂ ପରବର୍ତ୍ତୀ ସଂଶୋଧିତ ନିୟମ ଆଧାରରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ବ୍ୟବହାର ନିଷେଧ ହୋଇଛି। ପ୍ଲାଷ୍ଟିକ୍, ପଲିଥିନ୍ ପରି ଅଳିଆ ଆବର୍ଜନା ଯୋଗୁଁ ହେଉଥିବା ପ୍ରଦୂଷଣ ହ୍ରାସ ଏବଂ ଜନସାଧାରଣଙ୍କ ମଧ୍ୟରେ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ଏସ୍‌ପିସିବି ପକ୍ଷରୁ କୁହାଯାଇଛି। ଏଥିସହ ଭକ୍ତ, ପୂଜା ସାମଗ୍ରୀ ବିକ୍ରୟ ବ୍ୟବସାୟୀ, ମନ୍ଦିର ପରିଚାଳନା କମିଟି ପାଇଁ ମଧ୍ୟ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମନ୍ଦିରକୁ ପୂଜାପ୍ରସାଦ ନେବା ପାଇଁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ବ୍ୟବହାର କରିପାରିବେ। ବ୍ୟବସାୟୀମାନେ ମନ୍ଦିର ପରିସର ଓ ଆଖପାଖ ଅଞ୍ଚଳରେ ପଲିଥିନ୍, ପ୍ଲାଷ୍ଟିକ୍‌ରେ ସାମଗ୍ରୀ ବିକ୍ରୟ କରିବେ ନାହିଁ। ତା' ବଦଳରେ ପତ୍ର, ବାଉଁଶ ଟୋକେଇରେ ପୂଜା ସାମଗ୍ରୀ ଓ ପ୍ରସାଦ କ୍ରୟ ବିକ୍ରୟ କରିବାକୁ ପରାମର୍ଶ ଦିଆଯାଇଛି। ସ୍ୱଚ୍ଛ ପରିବେଶ ରଖିବା ଦିଗରେ ମନ୍ଦିର ପ୍ରଶାସନର ପ୍ରମୁଖ ଭୂମିକା ରହିଛି। ତେଣୁ ମନ୍ଦିର ପ୍ରଶାସନ ପକ୍ଷରୁ ପୂଜା ସାମଗ୍ରୀ ବିକ୍ରି କରିବାକୁ ବାଉଁଶ ଟୋକେଇ, ପତ୍ର ତିଆରି ଠୋଲା, ପୁନଃ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ଟୋକେଇ ଉପଲବ୍ଧ କରାଇବେ। ଶୁଖିଲା ଅଳିଆ ଓ ଓଦା ଅଳିଆ ସଂଗ୍ରହ ପାଇଁ ପୃଥକ ରଙ୍ଗିନ ଡଷ୍ଟବିନ୍ ଉପଲବ୍ଧ କରାଇବେ। ପୌରପାଳିକାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଳିଆ ସଂଗ୍ରହକାରୀଙ୍କୁ ମନ୍ଦିରର ସମସ୍ତ ଅଳିଆ ହସ୍ତାନ୍ତର କରିବେ। ପ୍ରସାଦ ତଥା ଖାଦ୍ୟ ପରିବେଷଣ ପାଇଁ ଏକକ ବ୍ୟବହୃତ ପ୍ଲାଷ୍ଟିକ/ଥର୍ମକୋଲ୍ କଟ୍‌ଲେରି ଯଥା କପ୍, ପ୍ଲେଟ୍, ପ୍ଲାଷ୍ଟିକ୍ ଷ୍ଟ୍ର, ଛୁରି, କଣ୍ଟା ଚାମଚା ଓ ୧୨୦ ମାଇକ୍ରୋନ୍‌ରୁ କମ୍ ପ୍ଲାଷ୍ଟିକ୍ କ୍ୟାରି ବ୍ୟାଗ୍ ବ୍ୟବହାର ନକରିବାକୁ ମନ୍ଦିର, ଏହାର ନିକଟବର୍ତ୍ତୀ ହୋଟେଲ, ରେଷ୍ଟୋରାଁ ଓ ସ୍ଥାନୀୟ ବିକ୍ରେତାମାନଙ୍କୁ ନିର୍ଦ୍ଦେଶ ଦେବାକୁ ମନ୍ଦିର ପ୍ରଶାସନକୁ କୁହାଯାଇଛି। ମନ୍ଦିର ପ୍ରଶାସନ ପକ୍ଷରୁ ଜୈବ ବିଘଟନଯୋଗ୍ୟ କଟ୍‌ଲେରି ଯଥା ପତ୍ର ପ୍ଲେଟ୍, କାଠ ଚାମଚ, କାଗଜ ଷ୍ଟ୍ର, କାଗଜ ପ୍ଲେଟ୍, ଧାତୁ ପ୍ଲେଟ୍ କିମ୍ବା କମ୍ପୋଷ୍ଟେବଲ୍ ପ୍ଲାଷ୍ଟିକ୍‌ରେ ତିଆରି କଟ୍‌ଲେରି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ କରାଇବେ। ମନ୍ଦିର ପରିସରରେ ଥିବା ପୋଖରୀ କିମ୍ବା ଜଳାଶୟରେ ଭକ୍ତଙ୍କ ଦ୍ୱାରା ନୈବେଦ୍ୟ ବିସର୍ଜନ ନିମନ୍ତେ ଏକ ଆବଦ୍ଧ ଅଞ୍ଚଳ ଚିହ୍ନଟ କରିବେ। ଏହାଦ୍ୱାରା ବିସର୍ଜନ ସାମଗ୍ରୀଗୁଡ଼ିକୁ ପରବର୍ତ୍ତୀ ସମୟରେ ସହଜରେ ନିଷ୍କାସନ କରାଯାଇପାରିବ। ପୂଜା ପରବର୍ତ୍ତୀ ବଳକା ଅଳିଆଗୁଡ଼ିକୁ ଉପଯୁକ୍ତ ଡବା ଓ ପୋଖରୀର ଆବଦ୍ଧ ଅଞ୍ଚଳରେ ବିସର୍ଜନ କରିବାକୁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି। ମନ୍ଦିର ପରିସରକୁ ସ୍ୱଚ୍ଛ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ୍‌ମୁକ୍ତ ରଖିବା ଦିଗରେ ସମସ୍ତଙ୍କ ସହଯୋଗ ଏକାନ୍ତ ଲୋଡ଼ା ବୋଲି ଏସ୍‌ପିସିବିର ଜଣେ ଅଧିକାରୀ କହିଛନ୍ତି।

### ଶ୍ରୀଲିଙ୍ଗରାଜ ମନ୍ଦିର ସୁରକ୍ଷା କଡ଼ାକଡ଼ି

ମହାଶିବରାତ୍ରୀ ପାଇଁ ଲିଙ୍ଗରାଜ ମନ୍ଦିର ସମ୍ମୁଖରେ ପୁଲିସ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ପୁଲିସ ଫୋର୍ସ ସହ ଶୃଙ୍ଖଳିତ ଦର୍ଶନ ପାଇଁ ବରିଷ୍ଠ ଅଧିକାରୀଙ୍କୁ ବ୍ରିଫିଂ କରାଯାଇଛି। କେଉଁ ଅଧିକାରୀ କେଉଁଠି ଓ କଣ ଦାୟିତ୍ୱରେ ରହିବେ ସେ ନେଇ ଦାୟିତ୍ୱ ଦିଆଯାଇଛି। ଭୁବନେଶ୍ୱର ଡ଼ିସିପି ଜଗମୋହନ ମୀନା ଉପସ୍ଥିତ ରହି କେମିତି କାର୍ଯ୍ୟ ପରିଚାଳନା ହେବ ବୁଝାଇଛନ୍ତି। ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ମହା ଶିବରାତ୍ରୀରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ଟ୍ରାଫିକ୍ ପରିଚାଳନା ଲାଗି କଟକଣା ଜାରି କରାଯାଇଛି। ଗାଡ଼ି ରଖିବା ଲାଗି ମୋଟ ୧୨ଟି ପାର୍କିଂ ସ୍ଥାନ ଚିହ୍ନଟ କରାଯାଇଛି। ଅନୁରୂପ ଭାବେ ସୁରକ୍ଷା ଲାଗି ପର୍ଯ୍ୟାପ୍ତ ପରିମାଣର ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି। ସୁରକ୍ଷା ଦାୟିତ୍ୱରେ ୪୧ପ୍ଲାଟୁନ ଫୋର୍ସ, ୨୫୦ ଅଧିକାରୀ ଓ ଏସ୍‌ୟୁ ଦଳକୁ ନିୟୋଜିତ କରାଯାଇଛି। ମନ୍ଦିରକୁ ପୂରା ସିସିଟିଭିରେ ଛାଉଣି କରାଯାଇଛି। ସିସିଟିଭି ମନିଟରିଂ ଲାଗି କଣ୍ଟ୍ରୋଲ ରୁମ୍ ଖୋଲାଯାଇଛି। ପୋଲିସ ଅଧିକାରୀ ମାନେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ କରେଇବା ସହ ଭଲ ବ୍ୟବହାର କରିବେ ସେଥିପ୍ରତି ନଜର ରଖିବା ପାଇଁ ଅଧିକାରଙ୍କୁ ପରାମର୍ଶ ଦେଇଛନ୍ତି। କେଉଁ ଭଳି ଭାବେ ଭିଡ ନିୟନ୍ତ୍ରଣ କରିବେ ଓ କିଛି ଅଘଟଣ ଘଟିବା ପୂର୍ବରୁ ନଜର ରଖିବା ପାଇଁ ଡ଼ିସିପି କହିଛନ୍ତି। ସେବାୟତ ମାନଙ୍କ ପରିବାର ଭିଆଇପି ଗେଟରେ ପ୍ରବେଶ କରି ଦର୍ଶନ କରିବେ। ସୁରକ୍ଷାରେ ୪୧ ପ୍ଲାଟୁନ ପୋଲିସ୍ ଫୋର୍ସ, ୩ ଜଣ ଡିସିପି, ଅତିରିକ୍ତ ସିପି ଓ ଅତିରିକ୍ତ ଡିସିପି ୪ ଜଣ, ଏସିପି ୧୬, ଇନ୍ସପେକ୍ଟର ୩୩, ଏସଆଇ ଓ ଏଏସ୍‌ଆଇ୧୧୯ ସହ ସାଧା ପୋଷାକରେ ମଧ୍ୟ ପୁଲିସ ଅଫିସର ମୁତୟନ ରହିବେ। ସେପଟେ ନକଲି ପାସ ପ୍ରତି ସାବଧାନ ଚେତାଇ ଛନ୍ତି। ଲୋକେ ମନେ କାହାର କଥାରେ ପଡ଼ି ନକଲି ପାସ ଆଣାନ୍ତୁ ନାହିଁ କି ଠକେଇ ଶିକାର ହୁଅନ୍ତୁ ନାହିଁ ବୋଲି କହିଛନ୍ତି ପୋଲିସ କମିସନର। ବିଭିନ୍ନ ଲୋକ ଏବେ ସୋସିଆଲ ମିଡିଆର କିଛି ବ୍ୟକ୍ତି ନକଲି ପାସ୍ ଦେଉଛନ୍ତି ବୋଲି କିଛି ସେବାୟତ ପୁଲିସ୍ କମିସନରଙ୍କ ପାଖେ ଅଭିଯୋଗ କରିଥିଲେ। ଏନେଇ ସିପି କହିଛନ୍ତି ଯେ ଯଦି କିଛିନକଲି ପାସ୍ ମିଳେ ତାହା ହେଲେ ସେମାନଙ୍କ ପ୍ରତି ଆକ୍ସନ ନିଆଯିବ।

### ଶ୍ରୀଲିଙ୍ଗରାଜ ମନ୍ଦିରକୁ ରେଡ୍ ଜୋନ୍ ଘୋଷଣା

ଶ୍ରୀ ଲିଙ୍ଗରାଜ ମନ୍ଦିର ଅଞ୍ଚଳକୁ ବିସିଏଏସ୍ ଦ୍ୱାରା ରେଡ୍ ଜୋନ୍ ଭାବରେ ଘୋଷଣା କରାଯାଇଛି। ଭୁବନେଶ୍ୱର ଯୁପିଡ଼ି ଅଧୀନରେ 'ମହାଶିବରାତ୍ରୀ' ପର୍ବ ପାଳନ କରିବା ପାଇଁ ରବିବାର ଶ୍ରୀଲିଙ୍ଗରାଜ ମନ୍ଦିରରେ ଭକ୍ତମାନଙ୍କର ଏକ ବଡ଼ ସମାଗମ ହେବାର ଆଶା କରାଯାଉଛି। ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କ ସୁରକ୍ଷା ଏବଂ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିର୍ଦ୍ଦିଷ୍ଟ ଅଞ୍ଚଳରେ ଡ୍ରୋନ୍ କିମ୍ବା ଯେକୌଣସି ମାନବ ବିହୀନ ବାୟୁ ଉପକରଣ ଉଡ଼ାଣକୁ ରୋକିବା ପାଇଁ ସକ୍ଷମ ଅଧିକାରୀଙ୍କ ପୂର୍ବ ଅନୁମତି ବିନା କଡ଼ା ନିଷେଧ କରାଯାଇଛି। ଏହି ପରାମର୍ଶର ଯେକୌଣସି ଉଲ୍ଲଂଘନ ଆଇନର ପ୍ରାସଙ୍ଗିକ ବ୍ୟବସ୍ଥା ଅନୁଯାୟୀ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।





# ରୌପ୍ୟନଗରୀରେ ଶୈବପୀଠ ଚଳଚଞ୍ଚଳ

କଟକ, ୧୪।୨(ସମିସ): ସର୍ବତ୍ର ଶୁଭିବ ଓଁ ନମଃ ଶିବାୟ। ଶିବଙ୍କ ଧ୍ୱନିରେ ପ୍ରକମ୍ପିତ ହେବ ସାରା ସହର। ମହାଶିବରାତ୍ରି ଉପଲକ୍ଷେ ସହରର ବିଭିନ୍ନ ଶୈବପୀଠରେ ପ୍ରବଳ ଭକ୍ତ ସମାଗମ ହବ। ସାଜସଜ୍ଜାରେ ଚମକିବ ସମସ୍ତ ଦେବାଳୟ। ଜାଗର ବା ମହାଶିରାତ୍ରି ଉପଲକ୍ଷେ ଭୋର ସମୟରୁ

**■ ଧବଳେଶ୍ୱରରେ ରାତି ୧ଟା, ପରମହଂସରେ ଭୋର୪ଟା ୩୦, ଗଡ଼ଗଡ଼େଶ୍ୱରରେ ରାତି ୧ଟା, ଅମରେଶ୍ୱରରେ ଭୋର ୫ଟାରେ ଉଠିବ ମହାଦୀପ**

ଭକ୍ତମାନେ ଠାକୁରଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିବେ। ଏଥିପାଇଁ କଟକ ଜିଲ୍ଲାରେ ଥିବା ବିଭିନ୍ନ ଶୈବପୀଠ ଚଳଚଞ୍ଚଳ ହୋଇଉଠିଛି। ଆଜି ସୁଦ୍ଧା ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ରଙ୍ଗବେରଙ୍ଗର ଆଲୋକମାଳାରେ କଟକର ଶୈବପୀଠଗୁଡ଼ିକ ଝଲସୁଛି।

କଟକର ଧବଳେଶ୍ୱର ପୀଠରେ ରାତି୧ଟା, ପରମହଂସରେ ଭୋର ୪ଟା୩୦, ଗଡ଼ଗଡ଼େଶ୍ୱର ରାତି୧ଟା, ଅମରେଶ୍ୱରରେ ଭୋର ୫ଟା, ଅଷ୍ଟଶମ୍ଭୁ ରାତି ୧୨ଟା, ଚହଟେଶ୍ୱରରେ ରାତି ୨ଟା୨୫, କଟକେଶ୍ୱରରେ ରାତି ୧୧ଟା୪୫, ସ୍ୱପ୍ନେଶ୍ୱରରେ ରାତି ୧୧ଟା ୩୦, ରାମେଶ୍ୱରରେ ରାତି ୧୨ଟା୩୦, ବେଲେଶ୍ୱରରେ ଭୋର ୪ଟା, କାମେଶ୍ୱରରେ ରାତି୧୨ଟା୩୦, କେଦାରେଶ୍ୱରରେ ରାତି ୧୨ଟା୩୦, ସିଦ୍ଧେଶ୍ୱରରେ ରାତି ୧୧ଟା୩୦ ଏବଂ ଗଡେଶ୍ୱରରେ ୧୨ଟା ୧୫ରେ ମହାଦୀପ ଉଠିବାକୁ ସମୟ ଧାର୍ଯ୍ୟ କରାଯାଇଛି। ଅନ୍ୟପଟେ ଚାନ୍ଦିନୀଚୌକସ୍ଥିତ ଅଷ୍ଟଶମ୍ଭୁ ମହାଦେବଙ୍କ ଶିବରାତ୍ରି ଉପଲକ୍ଷେ ପ୍ରାୟ ଦେଢ଼ କୁଇଣ୍ଟାଲର ପିତ୍ତଳ ମହାଦୀପ ଆଜି ସନ୍ଧ୍ୟାରେ କଟକଚଣ୍ଡୀ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଛି। ଏହି ମହାଦୀପକୁ ଚାନ୍ଦିନୀଚୌକ ଅଞ୍ଚଳର ସଂକୀର୍ତ୍ତନ ମଣ୍ଡଳୀମାନେ ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ଚଣ୍ଡୀ ମନ୍ଦିରରୁ ବାହାରି ସମଗ୍ର ଅଞ୍ଚଳ ପରିକ୍ରମା କରି ଅଷ୍ଟଶମ୍ଭୁ ମନ୍ଦିରରେ ସ୍ଥାପନ କରାଯାଇଥିଲା। ରବିବାର ପବିତ୍ର ଶିବରାତ୍ରି ଅବସରରେ ଦେଢ଼ କୁଇଣ୍ଟାଲ ଘିଅରେ ଏହି ପ୍ରଦୀପକୁ ପ୍ରଜ୍ୱଳନ କରାଯିବ। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମରେ ମନ୍ଦିରର ମୁଖ୍ୟ ପୂଜକ ବିଜୟକୁମାର ପଣ୍ଡାଙ୍କ ସମେତ ସାହିରେ ବରିଷ୍ଠ ମୁରବୀ ଏବଂ ଯୁବକମାନେ ଅଂଶଗ୍ରହଣ କରିଥିଲେ।

କେତେକ ମନ୍ଦିରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ପାଇଁ କମିସନରେଟ୍ ପୁଲିସ ପକ୍ଷରୁ ସହରରେ ଥିବା ବିଭନ୍ନ ଶୈବପୀଠରେ ୧୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏହାସହ କନ୍ଦରପୁର ଥାନା ଅନ୍ତର୍ଗତ ପରମହଂସନାଥ ମନ୍ଦିରରେ ୬ ପ୍ଲାଟୁନ ପୁଲିସ ଫୋର୍ସ ସମେତ ୧୦ ଜଣ ମହିଳା କନଷ୍ଟେବଲ ସୁରକ୍ଷା ଦାୟିତ୍ୱରେ ରହିବେ ବୋଲି ସୂଚନା ମିଳିଛି। ଗଡ଼ଗଡ଼େଶ୍ୱେର ମନ୍ଦିରରେ ରାତି ୪ଟାରୁ ଦ୍ୱାର ଫିଟାଯାଇ ଠାକୁରଙ୍କ ନୀତିକାନ୍ତି କରାଯିବ। ଏହାପରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରିବେ। ପାଞ୍ଚପ୍ରହର ରୁଦ୍ରାଭିଷେକ କରାଯିବ ଏବଂ ଅନ୍ନଭୋଗ ଲାଗି କରାଯାଇ ସନ୍ଧ୍ୟାରେ ମହାଆଳତୀ କରାଯିବ। ପରେ ହରିହର ଭେଟ ସହ ଅନ୍ୟାନ୍ୟ ନୀତି କରାଯାଇ ମହାଦୀପ ଉଠିବ। ଗଡ଼ଗଡ଼େଶ୍ୱର ମହାଦେବ ମ୍ୟାନେଜିଂ ଟ୍ରଷ୍ଟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦିରର ପୂଜକ ବିଶ୍ୱରଞ୍ଜନ ପଣ୍ଡା କହିଛନ୍ତି। ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ସର୍ବପ୍ରାଚୀନ ବୋଲି କୁହାଯାଏ। ଏହି ମନ୍ଦିରରେ ମୁଖ୍ୟତଃ ଜାଗରରେ ଶିବଲିଙ୍ଗରେ ଶୋଭା ପାଇଥାଏ ୧କିଗ୍ରା ୬ଶହ ଗ୍ରାମ୍ ଚାନ୍ଦିର ମୁକୁଟ। ଜାଗର ଅବସରରେ ରବିବାର ୪ଟାରୁ ପହୁଡ଼ ଖୋଲି ମଙ୍ଗଳଆଳି ପରେ ସର୍ବସାଧାରଣ ଦର୍ଶନ ରାତି ୧୦ଟା ପର୍ଯ୍ୟନ୍ତ କରିବାର ବ୍ୟବସ୍ଥା କରାଯାଇଛି। ଏହାପରେ ପୁର୍ନଃ ପହଡ଼ ରାତି ୧୨ଟାରେ କରାଯିବ, ଠାକୁରଙ୍କ ମହାସ୍ନାନ ନୀତି ପରେ ଗଙ୍ଗାସ୍ନାନ, ବଡ଼ସିଂହାର ବେଶ ଓ ହରିହର ଭେଟ ହୋଇ ଭୋଗ ଲାଗି କରାଯିବ। ପରେ ଆଳତି କରାଯାଇ ମହାଦୀପ ମନ୍ଦିର ଉପରକୁ ଉଠିବ। ଏହାସହ ମନ୍ଦିର ପରିଚାଳନା କମିଟି ଓ ସେବାୟତଙ୍କ ମିଳିତକ୍ରମେ ସମସ୍ତ ବ୍ୟବସ୍ଥା କରାଯିବା ସହ ଜାଗର ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ମନ୍ଦର ପୂଜାକ ସ୍ୱରୂପ ଦାସ ସୂଚନା ଦେଇଛନ୍ତି। କଟକ ଜିଲ୍ଲାର ସର୍ବପୁରାତନ ଶୈବପୀଠ ପରମହଂସନାଥ ମନ୍ଦିରରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ। ଭକ୍ତଙ୍କ ଭିଡ଼କୁ ନଜରରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ରାତି ୩ଟାରୁ ଠାକୁରଙ୍କ ପହୁଡ଼ ଖୋଲା ଯିବ ପରେ ମାର୍ଜଣା କରାଯାଇ ସମସ୍ତ ନୀତିକାନ୍ତି କରାଯିବ। ପରେ ବିଭିନ୍ନ ନୀତିକାନ୍ତି କରାଯାଇ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି। ବିଡ଼ାନାସୀ ଚହଟାଘାଟ ନିକଟରେ ଥିବା ଚହଟେଶ୍ୱର ମନ୍ଦିରରେ ରାତି ୪ଟାରୁ ପହୁଡ଼ ଖୋଲା ଯାଇ ତିକାନ୍ତି କରାଯିବ। ମଧ୍ୟାହ୍ନରେ ଠାକୁରଙ୍କୁ ଭୋଗ ଲାଗି କରାଯାଇ ବିଭିନ୍ନ ନୀତି କରାଯିବ। ପରେ ସନ୍ଧ୍ୟାରେ ଚାରି ପ୍ରହର ପୂଜା ସହ ଅନ୍ୟାନ୍ୟ ନୀତି କରାଯାଇ ହରିହର ଭେଟ କରାଯିବ। ରାତି ୨ଟାରେ ୨୫ରେ ମହାଦୀପ ଉଠିବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି।

## ମହାଶିବରାତ୍ରୀରେ ସବୁଜ ସଂକଳ୍ପ



ଭୁବନେଶ୍ୱର, ୧୪।୨ (ସମିସ):ପବିତ୍ର ମହାଶିବରାତ୍ରୀ ପାଇଁ ଏକାମ୍ରକ୍ଷେତ୍ର ହୋଇଉଠିଛି ଉତ୍ସବ ମୁଖର। ଏହି ପରିପ୍ରେକ୍ଷୀରେ ଭୀମଟାଙ୍ଗି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ଚିତ୍ରଶିଳ୍ପୀ ଶାନ୍ତନୁ ଶାନ୍ତିସ୍ୱରୂପ ରଙ୍ଗତୂଳୀରେ ଏକ ସବୁଜ ସଂକଳ୍ପର ବଳିଷ୍ଠ ବାର୍ତ୍ତା ଦେଇଛନ୍ତି।

## ଗାଁ ଜୀବନଶୈଳୀ ସବୁବେଳେ ସରଳ



ଗାଁ ଚାରିପାଖରେ ଘେରି ରହିଛି ନଦୀ। ରାତି ପାହିଲେ ପକ୍ଷୀଙ୍କ କାକଳି, ଗ୍ରାମ ଦେବତୀଙ୍କ ପାଖେ ପୂଜାର୍ଚ୍ଚନା ଓ ସଞ୍ଜ ନଇଁଲେ ମନ୍ଦିରରେ ମେଳା ସାଙ୍ଗକୁ ଆଧାତ୍ମିକ ଆଲୋଚନା। ଠିକ୍ ଏମିତି ହିଁ ସୁନ୍ଦର ଦେଖାଯାଏ ମୋ ଗାଁ। ଆଖପାଖର ମନଲୋଭା ପରିବେଶ ଭିତରେ ଭାଇ, ବନ୍ଧୁ, କୁଟୁମ୍ବଙ୍କ ମେଳରେ ପୁରା ସ୍ୱପ୍ନ ପରି ଲାଗେ ସବୁକିଛି।

ନିଜ ଶବ୍ଦର ଗହଣାରେ ଏମିତି କିଛି ସଜେଇ ଦେଇଥିଲେ ସେ ନିଜ ଗାଁକୁ। ଏ ହେଉଛନ୍ତି ସରୋଜ କମାର ରାଉତ। କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ବଡକୂଳ ହେଉଛି ତାଙ୍କ ଗାଁ। ସମୟରଚକ୍ର ଓ କର୍ମମୟ ଜୀବନ ତାଙ୍କୁ ଆଣି ରାଜଧାନୀ ଭୁବନେଶ୍ୱରରେ ପହଁଚାଇଛି। ହେଲେ ଗାଁର ମୋହ ତାଙ୍କଠୁ କେବେ ଅଲଗା ହୋଇନି। ସମୟ ସମୟରେ ସବୁ ସ୍ମୃତି ତାଜା କରିବାକୁ ଗାଁ ଦାଣ୍ଡକୁ ଫେରିଯାନ୍ତି। ଦୀର୍ଘ ୨୮ ବର୍ଷରୁ ଅଧିକ ସମୟ ହେବ ସେ ଭୁବନେଶ୍ୱରରେ ରହୁଛନ୍ତି। ତାଙ୍କର ବର୍ତ୍ତମାନ ଠିକଣା ଲିଙ୍ଗିପୁର ଅଞ୍ଚଳରେ ଏବଂ ସେ ଜଣେ ଟେରାକୋଟା ଆର୍ଟିଷ୍ଟ ମଧ୍ୟ। ନିଜ ଜନ୍ମମାଟି ବା ଗାଁ ବିଷୟରେ ସେ କୁହନ୍ତି, ସହର ସବୁବେଳେ ଚଳଚଞ୍ଚଳ ହେଲେ ଗାଁ ଏବଂ ସେଠାକାର ଲୋକ ବହୁ ସରଳ ଜୀବନଯାପନ କରନ୍ତି। କାରଣ ସେମାନେ ଏକ ନିର୍ଦ୍ଦିଷ୍ଟ ମାପକାଠିରେ ଚାଲନ୍ତି। ସେଠି କେବଳ ମୋ ପରିବାର ରୁହେନି ବରଂ ପ୍ରତ୍ୟେକ ଲୋକ ମୋ ନିଜ ଆପଣାର ଅଟନ୍ତି। ଧୀରେ ଧୀରେ ଗାଁକୁ ସହରୀକରଣ ମାଡିଆସୁଛି। ସାମାଜିକ ଗଣମାଧ୍ୟମର ପ୍ରଭାବ, ଆଧୁନିକିକରଣ ପାଇଁ ଗାଁ ସଭ୍ୟତାରେ ପରିବର୍ତ୍ତନ ଆସୁଛି। ହେଲେ ଆଜିବି ମୋ ପାଇଁ ମୋ ଗାଁ ସରସ ଓ ସୁନ୍ଦର। ଦିନ ଥିଲା ଗାଁର ଥିବା ଦୂର ଚାଷ ଜମିକୁ ଯିବାକୁ ବଳଦ ପିଠିରେ ବସି ନଦୀ ପାର ହେଉଥିଲୁ। ସାଙ୍ଗସାଥୀଙ୍କ ମେଳରେ ଜାଲ ନେଇ ମାଛ ଧରୁଥିଲୁ, ସେଠି ଚାଷ ବି କରିଛୁ ଆଉ ପରେ ଡଙ୍ଗାରେ ଅମଳ ପରେ ଧାନ ନେଇ ଘରୁକୁ ଫେରିଛୁ। ଆଜି ସେସବୁ କାହାଣୀ ପରି ଅନୁଭବ ହେଉଛି, ଯାହା କେବଳ ମନେ ପକେଇ ହେଉଛି ସତ କିନ୍ତୁ ସେ ସମୟକୁ ଆଉ ଫେରି ହେଉନି। ସହରରେ ବଞ୍ଚିବାର ଶୈଳୀ ବଦଳି ବଦଳି ଯାଉଛି ହେଲେ, ମଣିଷ ମଣିଷ ମଧ୍ୟରେ ସୁଖ ଦୁଃଖର ସମୟ କମି ଚାଲିଛି। ଏଠି କାହା ପାଇଁ କାହା ପାଖରେ ସମୟ ନାହିଁ। ଅନ୍ୟପଟେ ଗାଁରେ ସନ୍ଧ୍ୟାରେ ମେଳ ହୋଇ ଗପସପ, ସୁଖ ଦୁଃଖ କେତେ କ'ଣ ବାଣ୍ଟି ହୁଏ। ସେତେବେଳେ ଦାଣ୍ଡରେ ବସି ଆଇ ମା କାହାଣୀ ଶୁଣି ବଡ ହେଉଛୁ। ସାହି ପଡ଼ିଶାରେ କାହାର ବାହାଘର ହେଲେ ଢଗଢମାଳିରେ କାନ୍ଦିବା ଥିଲା। ଏବେ କିନ୍ତୁ ସେସବୁ ଦେଖିବାକୁ ମିଳୁନି।

## ଆଇଆଇଏମ୍‌ଟି ଓ ଗେଲ୍ (ଇଣ୍ଡିଆ) ପକ୍ଷରୁ 'ତୈଳ ଓ ଗ୍ୟାସ୍ ସଂରକ୍ଷଣ' ସଚେତନତା

ଭୁବନେଶ୍ୱର, ୧୪।୨(ସମିସ): ଆଇଆଇଏମ୍‌ଟି ଭୁବନେଶ୍ୱର ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ସହଯୋଗରେ ଆୟୋଜିତ ଏହି ସମାରୋହରେ 'ଶିଳ୍ପ ଏବଂ ଘରୋଇ ବ୍ୟବସ୍ଥା ପାଇଁ ନବୀକରଣୀୟ ଶକ୍ତି ସଂରକ୍ଷଣ ରଣନୀତି' ଶୀର୍ଷକ ଏକ ଆଲୋଚନାଚକ୍ର ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଆଇଆଇଏମ୍‌ଟିର ଆସୋସିଏଟ୍ ଡିନ୍ ପ୍ରଫେସର ସ୍ମୃତିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଇଆଇଏମ୍‌ଟିର ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ପଟ୍ଟନାୟକ ଏହି ସମାରୋହରେ ଅଧ୍ୟକ୍ଷତା କରିଥିବାବେଳେ ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଜୟଦେବ କର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଗେଲ୍ (ଇଣ୍ଡିଆ) ଲିମିଟେଡ୍‌ର ଉପ-ମହାପ୍ରବନ୍ଧକ ଇଞ୍ଜିନିୟର ନିଗମାନନ୍ଦ ମିଶ୍ର, ମୁଖ୍ୟବକ୍ତା ଭାବେ ଭାରତୀୟ ସେନା ଆର୍ମି ହେଡକ୍ୱାର୍ଟର୍ସ ଇଞ୍ଜିନିୟର୍ସ ବ୍ରାଞ୍ଚର ନିର୍ଦ୍ଦେଶକ ଇଞ୍ଜିନିୟର ରାଧାମୋହନ ରାଉତ ଯୋଗ ଦେଇଥିଲେ।

## ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ



ଭୁବନେଶ୍ୱର, ୧୪।୨(ସମିସ): ଓଡ଼ିଶା ଅମଲା ସଂଘର କାର୍ଯ୍ୟକାରିଣୀ ବୈଠକ ରେଡକ୍ରସ ଭବନ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ବୈଠକରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ଅମଲା ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘର ମୁଖ୍ୟ ପୃଷ୍ଠପୋଷକ ପ୍ରସନ୍ନ କୁମାର ତ୍ରିପାଠୀ, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର ସହିତ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ସଂଗଠନ ସମ୍ପାଦକ ଅରୁଣ କୁମାର ବଳୀଆର୍‌ସିଂହ, ସଂଯୋଜନା କମିଟି ଅଧ୍ୟକ୍ଷ ଅଶୋକ କୁମାର ପଣ୍ଡା ସହିତ ରାଜ୍ୟ ସଂଘର ସମସ୍ତ ଜିଲ୍ଲାର ପ୍ରତିନିଧି ବୈଠକରେ ଯୋଗଦାନ କରିଥିଲେ। ଉକ୍ତ ବୈଠକରେ ସଂଘ ପକ୍ଷରୁ ୩ଟି ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା।

## ବିଜେବି କଲେଜ ଏକ୍ସଟ୍ରାମୁରାଲ କମିଟିର ପୁରସ୍କାର ବିତରଣ ଉତ୍ସବ



ଭୁବନେଶ୍ୱର, ୧୪।୨(ସମିସ): ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ସ୍ୱୟଂଶାସିତ ମହାବିଦ୍ୟାଳୟର ଏକ୍ସଟ୍ରାମୁରାଲ କମିଟି ପକ୍ଷରୁ ବାର୍ଷିକ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ପ୍ରଫେସର ଝୁମକି ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ପ୍ରତିଯୋଗିତା ମନୋଭାବ ରଖି ନେତୃତ୍ୱ ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଛନ୍ତି। କମିଟିର ସଂଯୋଜିକା ତଥା ଆସୋସିଏଟ ପ୍ରଫେସର ଡ଼ ମଧୁବ୍ରତା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରି ପ୍ରତିଭା ଅନ୍ୱେଷଣ ପାଇଁ ପ୍ରତିଯୋଗିତାର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଡ. ମଧୁସ୍ମିତା ଜେନା ଓ ଅନସୂୟା ନାୟକ ମଞ୍ଚ ପରିଚାଳନା କରିଥିବାବେଳେ ନୃତତ୍ତ୍ୱ ବିଭାଗର ଛାତ୍ରୀ ଆନନ୍ଦିତା ମିଶ୍ର ଅଲରାଉଣ୍ଡର ଟ୍ରଫି ବିଜେତା ହୋଇଛନ୍ତି। ମହାବିଦ୍ୟାଳୟର ଛାତ୍ର ସଂଗିତଜ୍ଞ ସତ୍ୟବ୍ରତ ଜେନା ପ୍ରାରମ୍ଭିକ ସଙ୍ଗୀତ ଗାଇଥିବାବେଳେ ଛାତ୍ରୀ ଅଭୀପ୍ସା ପତି ଓଡିଶୀ ନୃତ୍ୟ ଓ ବହୁ ଛାତ୍ରଛାତ୍ରୀ ସାନ୍ତାଳୀ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ ଡ଼ ଜ୍ୟୋତିପ୍ରକାଶ ରଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ଭୁବନେଶ୍ୱର, ୧୪।୨ (ସମିସ): ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ୧୫ତମ ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ସହିଦନଗରସ୍ଥିତ ଇମ୍ପା ଗ୍ରାଉଣ୍ଡରେ ୪ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ୫ଟି ରାଜ୍ୟର ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ପୁରୀ, କଟକର ସିବିଏ ଓ ଛତିଶଗଡ଼ର ରିଜଲର୍ସ ଦଳ ବିଜୟ ଲାଭ କରିଛନ୍ତି। ଗୋଲଖ ମହାପାତ୍ର, ଜଗନ୍ନାଥ ପ୍ରଧାନ, ସହିଦ ନଗର ଦୁର୍ଗାପୂଜା କମିଟିର ଉପଦେଷ୍ଟା ସୁଧୀର ଶତପଥି, ଦିଲୀପ ଦାସ, ସଭାପତି ବିଶ୍ୱପ୍ରସାଦ ମହାନ୍ତି, ସମ୍ପାଦକ ହରିଶ ରଥ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଉପଦେଷ୍ଟା ସରୋଜ ପାତ୍ର, ଆୟୋଜକ ସଂଘ ସଭାପତି ବିଶ୍ୱଜିତ ମହାନ୍ତି, ସଂଯୋଜକ ପ୍ରଶାନ୍ତ ବେହେରା, ସିଦ୍ଧାର୍ଥ ଦାସ, ମିଥୁନ ବିଶୋୟୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ଦଳକୁ ଟ୍ରଫି ସହ ୩୧ ହଜାର ଓ ରନର୍ସଅପ୍ ହୋଇଥିବା ଦଳକୁ ୨୧ ହଜାର ଏବଂ ୩ୟ ସ୍ଥାନରେ ରହିଥିବା ଦଳ ୧୧ ହଜାର ଟଙ୍କା ପୁରସ୍କାର ପାଇବେ।

## ରାଜ୍ୟସ୍ତରୀୟ 'ଓଡିଆ ଅସ୍ମିତା ଶିବିର' ଉଦ୍‌ଯାପିତ





ଭୁବନେଶ୍ୱର, ୧୪।୨(ସମିସ): ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ଓ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାତୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ 'ଓଡିଆ ଅସ୍ମିତା ଶିବିର-୨୦୨୬'ର ଉଦ୍‌ଯାପନୀ ସମାରୋହ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନାର ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସରିତା ପଟେଲ ଯୋଗଦେଇ ରାଜ୍ୟର ୨୧ଟି ବିଶ୍ୱବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଆୟୋଜିତ ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ଚକ୍ରଧର ବେହେରା, ବରିଷ୍ଠ ଅଧ୍ୟାପକ ଦୀନବନ୍ଧୁ ମହାନ୍ତି, ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଓଡିଆ ଅସ୍ମିତା ଓ ଯୁବ ସ୍ୱେଚ୍ଛାସେବୀଙ୍କ ସାମାଜିକ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମକୁ ନେଇ ସମ୍ବାଦ ପୁସ୍ତିକା 'ଅସ୍ମିତା' ଲୋକାର୍ପଣ ସହ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଜାତୀୟ ସେବା ଯୋଜନା ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ଜ୍ଞାନରଞ୍ଜନ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## 'ସିନେମା ସହ ସାହିତ୍ୟର ସମ୍ପୃକ୍ତି: ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଆଲୋଚନା



ଭୁବନେଶ୍ୱର, ୧୪।୨(ସମିସ): ଶନିବାର ନୀଳକଇଁ ପକ୍ଷରୁ ରେଡକ୍ରସ ଭବନରେ 'ସିନେମା ସହ ସାହିତ୍ୟର ସମ୍ପୃକ୍ତି;ବର୍ତ୍ତମାନ ସ୍ଥିତି ଓ ଭବିଷ୍ୟତ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନାଚକ୍ରକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରିଛନ୍ତି। ଏହି ଆଲୋଚନାରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବିଜେତା, ବିଶିଷ୍ଟ ସଂଳାପକାର ଡ. ରଜନୀ ରଞ୍ଜନ, ସିନେ ସମୀକ୍ଷକ ତଥା ନିର୍ଦ୍ଦେଶକ ଡ. ସୂର୍ଯ୍ୟ ଦେଓ, ନାଟ୍ୟକାର ତଥା ଚିତ୍ରନାଟ୍ୟ ନିର୍ଦ୍ଦେଶକ ପ୍ରଣବ ଦାସ, ଗାଳ୍ପିକ, ନାଟ୍ୟକାର ତଥା ସମାଲୋଚକ ଜାକିର ଖାନ୍ ଯୋଗଦେଇ ଦୀର୍ଘ ଦଶନ୍ଧି ଧରି ସାହିତ୍ୟର ଉପାଦାନ ସିନେମାରେ ଅଭିନୟ ମାଧ୍ୟମରେ ଜୀବନ୍ତ ହେଇଛନ୍ତି ଏବଂ ସୃଜନର ରାସ୍ତାରେ ଆଗେଇ ଚାଲିଛନ୍ତି ତାହା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ବିଶିଷ୍ଟ ଲେଖିକା ତଥା ସାମ୍ବାଦିକା ସୈରେନ୍ଧ୍ରୀ ସାହୁଙ୍କୁ 'ନୀଳକଇଁ ସାରସ୍ୱତ ସମ୍ମାନ'ରେ ସମ୍ମାନିତ କରାଯିବା ସହ ପତ୍ରିକାର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠ ଉତ୍ସବରେ ୨୦ ଜଣ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିବା ବେଳେ ସ୍ନେହା ଦାସ ଲେଙ୍କା ଓ ବେଦ ପ୍ରକାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶେଷରେ କୁନି କଳାକାର ଫିଓନା ଦାସଙ୍କ ରାମାୟଣ ଆଧାରିତ ନୃତ୍ୟଭିନୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ନୀଳକଇଁର ସମ୍ପାଦିକା ସସ୍ମିତା ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରମୋଦ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## 'ମୂଲ୍ୟ ଆଧାରିତ ନ୍ୟାୟ-ଆଇନ୍‌ର ଆତ୍ମା' ଶୀର୍ଷକ ରାଷ୍ଟ୍ରୀୟ ଅଭିଯାନ





ଭୁବନେଶ୍ୱର, ୧୪।୨(ସମିସ): ଜୁରିଷ୍ଟ ୱିଙ୍ଗ, ରାଜଯୋଗ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ଫାଉଣ୍ଡେସନ୍, ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା 'ମୂଲ୍ୟ ଆଧାରିତ ନ୍ୟାୟ - ଆଇନର ଆତ୍ମା' ଶୀର୍ଷକ ରାଷ୍ଟ୍ରୀୟ ଅଭିଯାନର ଅଂଶ ବିଶେଷ ଏକ ପ୍ରାଦେଶିକସ୍ତରୀୟ କାର୍ଯ୍ୟକ୍ରମ ଆଠନମ୍ବର ସେବାକେନ୍ଦ୍ର ଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଆଠନମ୍ବର ସେବାକେନ୍ଦ୍ର ଠାରେ ଆୟୋଜିତ ହୋଇ ଯାଇଛି। ରାଜଯୋଗୀ ଡା. ବି.କେ ନଥମଲ, ଜାତୀୟ କୋଡ଼ିନେଟର, ଜୁରିଷ୍ଟ ୱିଙ୍ଗ୍, (ଆରଇଆର୍‌ଏଫ୍), କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମାନ୍ୟବର ନ୍ୟାୟମୂର୍ତ୍ତୀ ବି.ଡି ରାଠୀ, ପୂର୍ବତନ ବିଚାରପତି, ଏମ.ପି ହାଇକୋର୍ଟ, ଇନ୍‌ଦୋର ଏବଂ ଉପାଧ୍ୟକ୍ଷ, ଜୁରିଷ୍ଟ ୱିଙ୍ଗ(ଆରଇଆର୍‌ଏଫ୍) ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ବିଚାରପତି ଆଦିତ୍ୟ କୁମାର ମହାପାତ୍ର ନ୍ୟାୟରେ ନୈତିକମୂଲ୍ୟର ଗୁରୁତ୍ୱ ଉପରେ ଉଚ୍ଚକୋଟୀର ବିଚାର ଉପସ୍ଥାପନ କରିଥିଲେ। ବିଶେଷ ଅତିଥି ଭାବରେ ମାନ୍ୟବର ନ୍ୟାୟମୂର୍ତ୍ତୀ ଭି. ନରସିଂହ, ବିଚାରପତି, ଓଡ଼ିଶା ହାଇକୋର୍ଟ, କଟକ ନିଜର ମତ ଦେଇଥିଲା ବେଳେ ମାଉଣ୍ଟଆବୁସ୍ଥିତ ଜୁରିଷ୍ଟ ୱିଙ୍ଗ ଜାତୀୟ କୋର୍ଡିନେଟର ଲତା ଅଗ୍ରୱାଲ, ଯୋଗ ଦେଇଥିଲେ। ସମ୍ମାନୀୟ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର ଆସୋସିଏସନର ସଭାପତି ମନୋଜ କୁମାର ମିଶ୍ର, ଅଲ ଓଡ଼ିଶା ଲୟର୍ସ ଆସୋସିଏସନର କାର୍ଯ୍ୟକାରୀ ସଚିବ ସଞ୍ଜୟ କୁମାର ଦାଶ ଯୋଗ ଦେଇଥିଲେ। ଶେଷରେ ରାଜଯୋଗିନୀ ଲୀନା ଦିଦି, ଭୁବନେଶ୍ୱର ସବ୍‌ଜୋନ ଇନଚାର୍ଜଙ୍କ ଆଶିର୍ବଚନ ପ୍ରଦାଦ କରିଥିଲେ। ମାନନୀୟ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍, ଭୁବନେଶ୍ୱର ପ୍ରଶାନ୍ତ କୁମାର ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



# ଆଜି ଜାଗର; ଚଳଚଞ୍ଚଳ ଶୈବପୀଠ



ଭୁବନେଶ୍ୱର, ୧୪।୨(ସମିସ): ଜାଗର ପାଇଁ ଉତ୍ସବମୁଖର ହୋଇପଡ଼ିଛି ବିଭିନ୍ନ ଶୈବପୀଠ। ସହରର ଛୋଟ ବଡ଼ ମନ୍ଦିରକୁ ଆଲୋକମାଳାରେ ସଜାଯାଇଥିବା ବେଳେ ମନ୍ଦିର ମାନଙ୍କରେ ଭକ୍ତମାନଙ୍କ ପାଇଁ ବ୍ୟାପକ ପ୍ରସ୍ତୁତ କରାଯାଇଛି। ଲିଙ୍ଗରାଜ ମନ୍ଦିର ହେଉ ଅବା କପିଳେଶ୍ୱର ମନ୍ଦିର କିମ୍ବା ମେଘେଶ୍ୱର, ବକ୍ରେଶ୍ୱର ମନ୍ଦିର ପ୍ରମୁଖ ପରି ସହରର ଅନ୍ୟ ସ୍ଥାନ ମାନଙ୍କରେ ଥିବା ଶୈବପୀଠ ମଧ୍ୟ ଜାଗର ପାଇଁ ଚଳଚଞ୍ଚଳ ହୋଇପଡ଼ିଛି।

ମହାଶିବରାତ୍ରିକୁ ନଜରରେ ରଖି ରାଜଧାନୀର ଛୋଟ ବଡ଼ ହାଟରେ ମଧ୍ୟ ଗହଳି ଦେଖିବାକୁ ମିଳିଛି। ଦୀପ ଦୋକାନ ହେଉ ଅବା ଫଳ, ଫୁଲ ଦୋକାନରେ ଭୀଡ଼ ଦେଖିବାକୁ ମିଳିଛି। କିଏ ଘର ପାଇଁ ଦୀପ ଓ ତେଲ କିଣି ନଉଛନ୍ତି ତ ଆଉ କିଏ ଫୁଲ, ଫଳ କିଣିବାରେ ବ୍ୟସ୍ତ ରହିଥିବାର ଦେଖିବାକୁ ମିଳିଥିଲା।

### ଅମୂଲମୂଲ କିଆ, କେତକୀ ଫୁଲ

ମହାଶିବରାତ୍ରରେ କିଆ ଓ କେତକୀ ମହାଦେବଙ୍କ ମସ୍ତକରେ ଚଢ଼ାଯିବାର ବିଧି ରହିଛି। ଫଳରେ ଏହି ଫୁଲର ଦର ଏବେ ଆକାଶଛୁଆଁ ହୋଇଛି। କିଆ ଫୁଲ ଗୋଟା ୨୫୦ ରୁ ୩୦୦ଟଙ୍କା ଦର ରହିଥିବା ବେଳେ କେତକୀ ଫୁଲ ୪ଶହରୁ ୫ଶହ ଟଙ୍କାରେ ବିକ୍ରି ହେଉଛି। ମହାଦେବଙ୍କୁ ଏହି ଫୁଲ ଲାଗି କରିବା ପାଇଁ ଫୁଲ ବେପାରୀମାନେ କିଆ, କେତକୀ ଏବଂ ଅରଖ ଫୁଲକୁ ଦିନକ ଆଗରୁ ଆଣି ବିକ୍ରି କଲେଣି। ଏନେଇ ଫୁଲ ବେପାରୀ ଚନ୍ଦନ କୁମାର ସାହୁ କୁହନ୍ତି କିଆ ଫୁଲଠାରୁ କେତକୀଫୁଲ ଅଧିକ ବାସ୍ନା ହୋଇଥାଏ। ଫଳରେ କେତକୀ ଫୁଲର ଦାମ୍ ଅଧିକ ରହିଛି। ଏହି ଫୁଲ ସବୁ ବ୍ରହ୍ମପୁର, ନୟାଗଡ଼ରୁ ଆସୁଛି ବୋଲି କୁହନ୍ତି। ଆହୁରି ମଧ୍ୟ କହିଛନ୍ତି କିଆ ଓ କେତକୀ ଫୁଲ ପାଇଁ ମାସକ ଆଗରୁ ବରାଦ ଦେବାକୁ ପଡ଼ିଥାଏ। ମହାଶିବରାତ୍ରର ଗୋଟେ ଦିନ ଆଗରୁ ଫୁଲ ଆସି ପହଞ୍ଚିଥାଏ। ଲୋକମାନେ ଫୁଲ ଆସୁ ଆସୁ କିଣି ନେଇଥାନ୍ତି। ଜାଗର ଦିନ କିଆ ଓ କେତକୀର ଦାମ୍ ମଧ୍ୟ ଟିକେ ବଢ଼ିଯାଏ ବୋଲି କହିଛନ୍ତି।



### ଶ୍ରୀଲିଙ୍ଗରାଜଙ୍କ ନୀତି ନିର୍ଘଣ୍ଟ

ଶ୍ରୀଲିଙ୍ଗରାଜଙ୍କ ମହାଶିବରାତ୍ରୀ ନୀତି ନିର୍ଘଣ୍ଟରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପରିବର୍ତ୍ତିତ ନୀତି ନିର୍ଘଣ୍ଟ ମୁତାବକ ମହାଶିବରାତ୍ରୀରେ ମହାଦୀପ ରାତି ୧୦ଟାରେ ଉଠିବା ପରେ ଚାରି ପ୍ରହର ପୂଜା, ହରିହର ଭେଟ, ବଡ଼ସିଂହାର ଓ ପହୁଡ ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ। ଏ ନେଇ ସ୍ୱତନ୍ତ୍ର ବିଜ୍ଞପ୍ତି ମନ୍ଦିର ପ୍ରଶାସନ ଜାରି କରିଛନ୍ତି। ନୂଆ ନୀତି ଅନୁଯାୟୀ, ମଙ୍ଗଳ ଆଳତୀ ଓ ଅବକାଶ ଭୋର ୩ଟାରୁ ସାଢେ୩ଟା, ସାହାଣମେଲା ଦର୍ଶନ ଭୋର ସାଢେ ୩ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ, ରୋଷ ହୋମ ସାଢେ ୬ଟା, ଛାମୁ ପରିଷ୍କାର ଦିନ ୧୧ରୁ ୧୨ଟା, ମହାସ୍ନାନ ବେଶ ଦିନ ୧୨ଟାରୁ ୧୨ଟା ୪୫, ସୂର୍ଯ୍ୟପୂଜାରୁ ସକାଳ ଧୂପ ଦ୍ୱିପହର ସାଢେ ୨ଟା, ଭୁବନେଶ୍ୱରୀଙ୍କ ସକାଳଧୂପ ଅପରାହ୍ନ ୨ଟା ୩୦ରୁ ୨ଟା ୪୫, ଭୋଗମଣ୍ଡପ ୨ଟା ୪୫ ରୁ ୩ଟା ୪୫, ଦ୍ୱିତୀୟ ସାହାଣମେଲା ଅପରାହ୍ନ ୩ଟା ୪୫ ରୁ ୪ଟା ୪୫ରେ ସମ୍ପନ୍ନ ହେବ। ଛାମୁ ପରିଷ୍କାର ୪ଟା ୪୫ ରୁ ୫ଟା୧୫, ଶ୍ରୀ ଜିଉଙ୍କ ବେଶ ୫ଟା ୧୫ ରୁ ୫ ଟା ୪୫, ବୀରକେଶରୀ ବଲ୍ଲଭରୁ ଭୁବନେଶ୍ୱରୀଙ୍କ ଦ୍ୱିପ୍ରହର ଧୂପ ୫ ଟା ୪୫ ରୁ ସନ୍ଧ୍ୟା ୭ ଘଟିକା, ୧୦ ମିନିଟ୍ ପାଇଁ ଶ୍ରୀ ଜିଉଙ୍କ ପହୁଡ଼, ସନ୍ଧ୍ୟା ଆଳତୀ ଓ ଟେରାଫିଟା ସନ୍ଧ୍ୟା ସାଢେ ୭ଟାରେ ସମ୍ପନ୍ନ ହେବ। ମାଜଣା ଓ ବେଶ ସାଢେ ୭ରୁ ରାତି ୮ଟା ୧୦, ଶ୍ରୀଜିଉଙ୍କ ଯାତ୍ରା ପୂଜା ଓ ବେଢ଼ା ୮ଟା୧୦ରୁ ୮ଟା୫୫, ସନ୍ଧ୍ୟାଧୂପ ଓ ତୀର୍ଥ ଜଳ ଆନୟନ ୮ଟା୫୫ ରୁ ରାତ୍ରି ୧୦ ଟା, ମହାଦୀପ ଦର୍ଶନ ରାତି ୧୦ଟାରେ ବଢ଼ିବା ପରେ ତୃତୀୟ ପର୍ଯ୍ୟାୟ ସାହାଣମେଲା ଦର୍ଶନ ୧୧ଟା ପର୍ଯ୍ୟନ୍ତ ଚାଲିବ, ଭୁବନେଶ୍ୱରୀଙ୍କ ସନ୍ଧ୍ୟାଧୂପ ଓ ପୂଜା, ଛାମୁ ପରିଷ୍କାର, ଚାରି ପ୍ରହର ପୂଜା, ହରିହର ଭେଟ, ବଡସିଂହାର ଓ ପହୁଡାଦି ନୀତି ସୋମବାର ଭୋର ସାଢେ ୫ଟାରେ ସମ୍ପନ୍ନ ହେବ।

● ଶିଳ୍ପୀଙ୍କ ନିଆରା କଳାକୃତି

## ଚକ୍‌ଖଡ଼ିରେ ୩ ଇଞ୍ଚର କେଦାରନାଥ ମନ୍ଦିର



ଭୁବନେଶ୍ୱର, ୧୪।୨(ସମିସ): ରାତି ପାହିଲେ ଜାଗର ବା ଶିବରାତ୍ରୀ। ଏହି ଅବସରରେ ଶିବଙ୍କ ବିଭିନ୍ନ ରୂପ ଓ ମନ୍ଦିରକୁ ନେଇ ଶିଳ୍ପୀମାନେ ବିଭିନ୍ନ କଳାକୃତି ପ୍ରସ୍ତୁତ କରିଥାନ୍ତି। ଏହାରି ମଧ୍ୟରେ ସୂକ୍ଷ୍ମ କଳାକାର ଏଲ ଈଶ୍ୱର ରାଓ ମଧ୍ୟ ନିଜ ନିଆରା କଳାକୃତିରେ ଜାଗରର ଶୁଭେଚ୍ଛା ଜଣାଇଛନ୍ତି। ଚଳିତ ବର୍ଷ ସେ ଚକ୍ ଖଡ଼ି ପିସ୍‌ରେ କେଦାରନାଥ ମନ୍ଦିରର ଏକ ମଡେଲ ତିଆରି କରିଛନ୍ତି। ଏହି କାମ କରିବା ପାଇଁ ତାଙ୍କୁ ତିନି ଦିନ ସମୟ ଲାଗିଥିଲା। ଯାହାର ଉଚ୍ଚତା ୩ ଇଞ୍ଚ ରହିଛି। ନିଜ କଳା ମାଧ୍ୟମରେ ସେ ସମସ୍ତଙ୍କୁ ଶିବରାତ୍ରୀର ଶୁଭେଚ୍ଛା ଜଣାଇଛନ୍ତି। ଈଶ୍ୱର ରାଓ ହେଉଛନ୍ତି ଜଟଣୀ ହାଟବଜାର ନିକଟସ୍ଥ ଗୋପୀନାଥପୁର ବାସିନ୍ଦା। ଦୀର୍ଘ ବର୍ଷ ଧରି ବିଭିନ୍ନ ପ୍ରକାର ସୂକ୍ଷ୍ମକଳା କରି ଆସୁଛନ୍ତି।

## ଚଣ୍ଡେଶ୍ୱର ଜଗନ୍ନାଥ ମନ୍ଦିରରେ ଜାଗରଯାତ୍ରା ପ୍ରସ୍ତୁତି

ଭୁବନେଶ୍ୱର, ୧୪।୨(ସମିସ): ୟୁନିଟ-୫ ସ୍ଥିତ ଚଣ୍ଡେଶ୍ୱର ଓ ଜଗନ୍ନାଥ ମନ୍ଦିରରେ ରବିବାର ଅନୁଷ୍ଠିତ ହେବାକୁ ଥିବା ଜାଗରଯାତ୍ରାର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ପୂର୍ବରୁ ପଙ୍କଉଦ୍ଧାର ଏକାଦଶୀରେ ପାଦୁକ ନଳା ସହିତ ତତସଂଲଗ୍ନ ଅଞ୍ଚଳ ସମସ୍ତ ସଫାସୁତୁରା କରାଯାଇ ସାରିଛି। ମନ୍ଦିର ପରିସରରେ ଥିବା ସବୁ ଦେବାଦେବୀଙ୍କ ମନ୍ଦିରରେ ନୂତନ ରଙ୍ଗ ଦିଆଯିବା ସହିତ ମନ୍ଦିରକୁ ତୋରଣ, ଫୁଲ ସଜ୍ଜା, ଲାଇଟ୍, ରଙ୍ଗୀନ କପଡ଼ାରେ ସୁସଜ୍ଜିତ କରାଯାଇଛି। ଭୋରରୁ ଚଣ୍ଡେଶ୍ୱର ମହାପ୍ରଭୁଙ୍କ ସମସ୍ତ ରୀତିନୀତି ସମୟ ନିର୍ଘଣ୍ଟ ଅନୁଯାଇ ଅନୁଷ୍ଠିତ ହେବ। ଏଥିସହିତ ଅନ୍ୟ ବିଗ୍ରହମାନଙ୍କୁ ମଧ୍ୟ ପୂଜା କରାଯିବ। ଆସନ୍ତା କାଲି ଅପରାହ୍ନରୁ ହୋମ ଯଜ୍ଞ ହୋଇ ରାତ୍ରିରେ ପୂର୍ଣ୍ଣାହୁତି ହେବ। ସନ୍ଧ୍ୟାରେ ଭଜନ ସମାରୋହ ଓ ସମୂହ ଦୀପ ଦାନର ବ୍ୟବସ୍ଥା ରହିଛି। ରାତି ୧୦ଟାରେ ମହାଦୀପ ଉଠିବା ପରେ ଉପସ୍ଥିତ ସବୁ ଶ୍ରଦ୍ଧାଳୁମାନଙ୍କ ପାଇଁ ମନ୍ଦିର କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ମାଗଣା ସ୍ୱାସ୍ଥ୍ୟସେବା ଶିବିର

ହଂସପାଳ, ୧୪।୨(ସମିସ): କୁଶଗାଡିଆ ମଠ ପରିସରରେ ସିଦ୍ଧି ବିନାୟକ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଏବଂ ଚଷମା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଉଦଘାଟନୀ ଉତ୍ସବରେ ଟ୍ରଷ୍ଟର ଅଧକ୍ଷ ସତ୍ୟପ୍ରିୟ ବେହେରା ଓ କାର୍ଯ୍ୟକାରୀ ସଭାପତି ରାଜୀବ ବିଶ୍ୱାଳ, ଗାଦି ଗୋସାଇଁ ସାଂସ୍କୃତିକ କଳା ପରିଷଦ ସଭାପତି ବିନୋଦ କୁମାର ରାୟ ଯୋଗ ଦେଇଥିଲେ।ଏହି ଶିବିରରେ ମଧୁମେହ, ସ୍ତ୍ରୀ ଓ ପ୍ରସୂତି, ଭେଷଜ, ଚକ୍ଷୁ ବିଭାଗର ଡାକ୍ତର ମାନେ ଯୋଗଦେଇ ସାଧାରଣ ଲୋକ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।ମାଗଣାରେ ବିଭିନ୍ନ ପ୍ରକାର ପରୀକ୍ଷା, ଔଷଧ ଓ ଚଷମା ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମକୁ ବିରଞ୍ଚି ନାରାୟଣ ଜେନା, ଦୀପ୍ତି ରଞ୍ଜନ ପରିଡ଼ା, ସୌମେନ୍ଦ୍ର ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ।

## ସୋଆ ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ



ଭୁବନେଶ୍ୱର, ୧୪।୨(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଭଏସ୍ ଅଫ୍ ସୋଆ କମ୍ୟୁନିଟି ରେଡ଼ିଓ ୯୦.୪ ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ ପାଳିତ ହୋଇଯାଇଛି। ବିଶ୍ୱ ରେଡ଼ିଓ ଦିବସର ଚଳିତ ବର୍ଷର ପ୍ରସଙ୍ଗ ରହିଛି 'ରେଡ଼ିଓ ଆଣ୍ଡ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ'। ଏହି ଅବସରରେ କେକ୍ କଟାଯାଇ ଉତ୍ସବ ପାଳନ କରାଯାଇଥିବା ବେଳେ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କଣ୍ଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଜଏଣ୍ଟ ରେଜିଷ୍ଟ୍ରାର ପ୍ରଫେସର ମଧୁବ୍ରତା ମହାନ୍ତି, ଅଫିସିଆଲ୍ ଧାରାଶ୍ରୀ ମହାନ୍ତି ଉପସ୍ଥିତ ଥିଲେ। କମ୍ୟୁନିଟି ରେଡିଓର ସଦସ୍ୟମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କମ୍ୟୁନିଟି ରେଡ଼ିଓର ଇନ୍‌ଚାର୍ଜ ହନୀ ପଟ୍ଟନାୟକ ଚଳିତ ବର୍ଷର ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ।

## ସହିଦ୍ ଯବାନଙ୍କ ପାଇଁ କ୍ୟାଣ୍ଡଲ ଶୋଭାଯାତ୍ରା




ହଂସପାଳ, ୧୪।୨(ସମିସ): ବାଲିଅନ୍ତା ଉଚ୍ଚ ବିଦ୍ୟାଳୟ ୨୦୦୨ ବ୍ୟାଚ୍ ପକ୍ଷରୁ ପୁଲୱାମା ଆତଙ୍କବାଦୀଙ୍କ ଆକ୍ରମଣରେ ସହିଦ ହୋଇଥିବା ବୀର ଯବାନଙ୍କ ପାଇଁ ଏକ ବିଶାଳ କ୍ୟାଣ୍ଡଲ ଶୋଭାଯାତ୍ରା ମହାତ୍ମା ଗାନ୍ଧୀ ସେତୁ ଠାରୁ ଆରମ୍ଭ କରାଯାଇ ନିକୁଞ୍ଜ ବିହାରୀ ମନ୍ଦିର ପର୍ଯ୍ୟନ୍ତ ପଦଯାତ୍ରା କରାଯାଇଥିଲା। ବୈକୁଣ୍ଠ ରାଉତରାୟଙ୍କ ସୂଚନା ଅନୁସାରେ ୨୦୧୯ ଫେବୃଆରୀ ୧୪ ଦିନ ପୁଲୱାମା ଆତଙ୍କବାଦୀଙ୍କ ଆକ୍ରମଣରେ ଆମ ଭାରତର ବୀର ଯବାନମାନେ ସହିଦ ହୋଇଥିଲେ।

ଭୁବନେଶ୍ୱର, ୧୪।୨(ସମିସ): ୨୦୧୯ ଫେବୃୟାରୀ ୧୪ତାରିଖରେ ପୁଲୱାମା ଆତଙ୍କବାଦୀ ଆକ୍ରମଣରେ ସହିଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଶନିବାର ପଟିଆ ଇନ୍‌ଫୋସିଟିଠାରେ ଯୁବନେତା ଅମୀୟ ନାୟକ ଓ ତାପସ ଦେ'ଙ୍କ ପରିଚାଳନାରେ ଆୟୋଜିତ ଏକ କ୍ୟାଣ୍ଡେଲ୍ ଶୋଭାଯାତ୍ରାରେ ସମାଜସେବୀ, ଯୁବ, ଛାତ୍ର ନେତୃତ୍ୱମାନେ ସାମିଲ୍ ହୋଇ ସହିଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅଂଶଗ୍ରହଣକାରୀମାନେ ହାତରେ ପ୍ରଦୀପ ଧରି ସହିଦ ଅମର ରହେ ଧ୍ୱନୀରେ ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବନେତା ନଳିନୀକାନ୍ତ ନାୟକ ଓ ମୀର ଅହମ୍ମଦ ଅଲ୍ଲୀ ଯୋଗଦେଇ ଦେଶର ସୁରକ୍ଷା ପାଇଁ ପ୍ରାଣ ଓ ଆହୂତି ଦେଇଥିବା ଜୱାନ୍ ମାନଙ୍କ ପରିବାରଙ୍କ ପ୍ରତି ସହାନୁଭୂତି ସହ ସହିଦମାନଙ୍କ ତ୍ୟାଗ ଓ ବଳିଦାନ ଦେଶବାସୀଙ୍କୁ ସଦା ପ୍ରେରଣା ଦେବ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସହିଦ ଆତ୍ମାଙ୍କ ଶାନ୍ତି କାମନା କରି ସମସ୍ତେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ୟୋତିରଞ୍ଜନ ମଲ୍ଲ, ଆଦିତ୍ୟ ରାଉତ, ସ୍ୱସ୍ତିକ ବିଶୋଇ, ବିଶ୍ୱଜିତ୍ ପଣ୍ଡା, ଚନ୍ଦା ଚୌହାନ, ପ୍ରିୟଙ୍କା ମଣ୍ଡଳ, ଭାଗ୍ୟଶ୍ରୀ ସାହୁ, ଶ୍ରୁତି ସୁନାନୀ, ରଶ୍ମୀ, କୈଳାସ ପାତ୍ର, ସରୋଜ, କ୍ଷୀରୋଦ, ସୂର୍ଯ୍ୟ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ ଜଣାଇଥିଲେ।

## ଗ୍ଲୋବାଲ୍ ସ୍ପିରିଚ୍ୟୁଆଲ ମିଶନର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୧୪।୨(ସମିସ): ଗ୍ଲୋବାଲ ସ୍ପିରିଚ୍ୟୁଆଲ ମିଶନର ବାର୍ଷିକ ଉତ୍ସବ ଧଉଳି ଶାନ୍ତିସ୍ତୂପ ପରିସରସ୍ଥିତ ଗଣେଶ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଛି। ଡା. ସୁଶୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ପ୍ରଫେସର ଡା. ଅଶୋକ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ପାଦକ ପରମେଶ୍ୱର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ରମାକାନ୍ତ ମିଶ୍ର ତାଙ୍କ ବକ୍ତବ୍ୟରେ ସମସ୍ତେ ଦୈନିକ ଧର୍ମଶାସ୍ତ୍ର ଯଥା ଭାଗବତ ଓ ଗୀତ ପଢ଼ିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ପ୍ରାରମ୍ଭରେ ମୁରଲୀଧର ପଲାଇ, ବିଜୟ କୃଷ୍ଣ ସୁବୁଦ୍ଧି, ଶ୍ରୀମନ୍ତ ରାଉତ, ନଳିନୀ ମହାପାତ୍ର ପ୍ରମୁଖ ଜଗନ୍ନାଥ ସହସ୍ର ନାମପାଠ କରିଥିଲେ ଏବଂ ମଧୁସ୍ମିତା ଦାସ ଭଜନ ଗାନ କରିଥିଲେ। ଶେଷରେ ନାଟ୍ୟକାର ବିଜୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଅର୍ଗସ୍ ନ୍ୟୁଜ୍ ପକ୍ଷରୁ 'ପ୍ରାଇଡ୍ ଅଫ୍ ଓଡ଼ିଶା-୨'



ଭୁବନେଶ୍ୱର, ୧୪।୨(ସମିସ): ଅର୍ଗସ୍ ନ୍ୟୁଜ୍ ପକ୍ଷରୁ ଏକ ଘରୋଇ ହୋଟେଲରେ 'ପ୍ରାଇଡ୍ ଅଫ୍ ଓଡ଼ିଶା-୨' କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ସମ୍ବୋଧନକରି ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି କହିଛନ୍ତି, ସମାଜରେ ଅନେକ ଲୋକ ସେବାକୁ ବ୍ରତ ଭାବେ ଗ୍ରହଣକରିଛନ୍ତି।ସେବା ହିଁ ପରମଧର୍ମ ବାର୍ତ୍ତାରେ ଉଦ୍‌ବୁଦ୍ଧ ହୋଇ ସେମାନେ କାର୍ଯ୍ୟ କରୁଛନ୍ତି। ସେବାରେ ବ୍ରତୀ ଥିବା ଲୋକମାନେ ସମାଜ ପାଇଁ ରୋଲ୍ ମଡେଲ୍ ବୋଲି କହିଥିଲେ।

ଏହି ସରଳ ମଣିଷର ବିରଳ କାହାଣୀ ସମ୍ମାନ ଉତ୍ସବରେ ସମାଜର ବିଭିନ୍ନ କ୍ଷେତ୍ରରେ ଅନନ୍ୟ ଯୋଗଦାନ ପାଇଁ ୧୨ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଛି। ଶିଶୁ ସୁରକ୍ଷା ପାଇଁ ଶ୍ୟାମସୁନ୍ଦର ଜାଲ ଓ କସ୍ତୁରୀ ଜାଲ, ପରିବେଶ ସୁରକ୍ଷା ପାଇଁ ସୁଧୀର ରାଉତ, ଦିବ୍ୟାଙ୍ଗଙ୍କ ସଶକ୍ତିକରଣ ପାଇଁ ଡ. ଭଗବାନ ପରିଡ଼ା, ବିହନ ସଂରକ୍ଷଣ ପାଇଁ ଡ. ରାଇମତି ଘିଉରିଆ, ପରିବେଶ ଓ ବେଳାଭୂମି ସୁରକ୍ଷା ପାଇଁ ବିଚିତ୍ରାନନ୍ଦ ବିଶ୍ୱାଳ, ଦୃଷ୍ଟିହୀନଙ୍କ ସଶକ୍ତୀକରଣ ପାଇଁ ତ୍ରିଲୋଚନ ବେଉରା, ମହିଳାଙ୍କୁ ନ୍ୟାୟ ପାଇଁ ପ୍ରମୋଦିନୀ ରାଉଳ, ପରୋପକାର ପାଇଁ ପଙ୍କଜ କୁମାର ତରାଇ ଓ ବିଭୂତି ରାଏ, ମହିଳା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ କାମ କରିବା ପାଇଁ ହୃଦାନନ୍ଦ ପୃଷ୍ଟି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅର୍ଗସ୍ ନ୍ୟୁଜର ସିଇଓ ପ୍ରକାଶ ସାହୁ ଓ ଏକଜିକ୍ୟୁଟିଭ୍ ଏଡିଟର ଦୁର୍ଗାଶିଷ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ଦିବାକର ସ୍ୱାଇଁ ମେମୋରିଆଲ ଦିବାରାତ୍ର ଫୁଟବଲ୍

ନନ୍ଦନକାନନ, ୧୪।୨(ସମିସ): ଭୁବନେଶ୍ୱର ଉପକଣ୍ଠ ବାରଙ୍ଗ ନରଣପୁର ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆସନ୍ତା ୨୭ ତାରିଖରୁ ୧୨ତମ ଦିବାକର ସ୍ୱାଇଁ ସ୍ମାରକୀ ତିନି ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଫୁଟବଲ ଦଳ ଅଂଶଗ୍ରହଣ କରିବେ। ପ୍ରତ୍ୟେକ ଅପରାହ୍ଣ ୪ଟାରୁ ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ଖେଳାଯିବ। ରବିବାର ଦୁଇଟି ସେମିଫାଇନାଲ ଓ ଗୋଟିଏ ଫାଇନାଲ ମ୍ୟାଚ ଖେଳାଯିବ। ଏଥି ସହିତ ମହାବୀର ସ୍ପୋର୍ଟିଂ କ୍ଲବ ନରଣପୁରର ଭେଟେରାନ ଖେଳାଳୀ ଓ କଟକ ସହରର ଭେଟେରାନ ଖେଳାଳିମାନଙ୍କୁ ନେଇ ଏକ ବନ୍ଧୁତ୍ୱ ପୂର୍ଣ୍ଣ ମ୍ୟାଚ ଖେଳାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ କ୍ଲବର ଉପଦେଷ୍ଟା ଭରତ ସ୍ୱାଇଁ ସୂଚନା ଦେଇଛନ୍ତି। କ୍ଲବର ଅଧକ୍ଷ ସୁରେନ୍ଦ୍ର ବିଶ୍ୱାଳ, ସଭାପତି ଅକ୍ଷୟ ବିଶ୍ୱାଳ, ସମ୍ପାଦକ ସଞ୍ଜୟ ସ୍ୱାଇଁ, କୋଷାଧକ୍ଷ ଦିନେଶ ରଞ୍ଜନ ରାଉତ, ଗ୍ରାମ ସଭାପତି ରଞ୍ଜନ ସାହୁ, ମୁରବୀ ଧିରେନ୍ଦ୍ର ବିଶ୍ୱାଳ, ପ୍ରଭାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

## ଚେତନା ଜାଗ୍ରତ କରିବା ପାଇଁ ସାହିତ୍ୟ ଉଦ୍ଦିଷ୍ଟ

ଭୁବନେଶ୍ୱର, ୧୪।୨(ସମିସ): ପ୍ରକୃତ ସାହିତ୍ୟ ଯେତେ ପରୀକ୍ଷାନିରୀକ୍ଷା ହେଉ ମଧ୍ୟ ଚେତନା ଜାଗ୍ରତ କରିବା ପାଇଁ ଉଦ୍ଦିଷ୍ଟ ବୋଲି ପ୍ରସିଦ୍ଧ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟ ମତବ୍ୟକ୍ତ କରିଛନ୍ତି। ଶନିବାର ଜୟଦେବ ଭବନରେ ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଡ.ରାୟ ଯୋଗ ଦେଇ ଏହା କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଅନୁଷ୍ଠାନର ସଭାପତି କବି ସୂର୍ଯ୍ୟ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଲେଖକ ଓ ସ୍ତମ୍ଭକାର ଦାଶ୍ ବେନ୍‌ହୁର ସାହିତ୍ୟର ଭୂମିକା ଓ ଲେଖକର ସାମାଜିକ ଦାୟିତ୍ୱବୋଧତା ଉପରେ ଆଲୋକପାତ କରିଥିଲେ। ପ୍ରାବନ୍ଧିକ ପ୍ରଫେସର ବସନ୍ତ କୁମାର ପଣ୍ଡା ଓଡିଆ ସାହିତ୍ୟର ବିଶାଳ ପରମ୍ପରା ଓ ବିଶେଷତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ କବି ମନୋରଞ୍ଜନ ପାଣିଗ୍ରାହୀଙ୍କୁ 'କୈଳାସ ଲେଙ୍କା ସୃଜନ ସମ୍ମାନ', ପ୍ରଫେସର ଚକ୍ରଧର ବେହେରାଙ୍କୁ 'ଦିନନାଥ ପାଠୀ ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଏହାସହ ଅନୁଷ୍ଠାନର ମୁଖପତ୍ର 'କବିତା-୨୦୨୫', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ଓ କୁମୁଦିନୀ ଜୀଙ୍କ କବିତା ପୁସ୍ତକ 'ଘୁଙ୍ଗୁର କାହିଁକି ବାନ୍ଧିନି ମୁଁ' ଲୋକାର୍ପିତ ହୋଇଥିଲା। ପ୍ରାରମ୍ଭରେ ଡ. ଅଶୋକ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପସଭାପତି ବିଭୂତି ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଯୁବଲେଖକ ଅଂଶୁମାନ ସାହୁ ସଂଯୋଜନା କରିଥିଲେ।(ସୁମିତ୍ରା) ଏହାପରେ 'ଭାରତୀୟତା: ନୂଆ ସମୟ, ନୂଆ ଭୂମିକା' ସମେତ ଭଏସ୍ ଆର୍ଟିଷ୍ଟମାନଙ୍କୁ ନେଇ 'ନେପଥ୍ୟରୁ ସ୍ୱର: କଣ୍ଠ କାରିଗର' ଉପରେ ବୃତ୍ତିଗତ ଜୀବନର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ସଙ୍ଗୀତକାର ଶରତ ନାୟକ, ଭଏସ୍ ଆର୍ଟିଷ୍ଟ ରାକ୍ଷୀ ଦାଶ ଓ ସୁଧାକର ଦାସ। ସେହିପରି 'ଓଡିଆ ସଙ୍ଗୀତ ଓ ଲୋକସଂସ୍କୃତି' ପ୍ରସଙ୍ଗରେ ମଧ୍ୟ ଏକ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ସିନେ ସମୀକ୍ଷକ ଡ.ସୂର୍ଯ୍ୟ ଦେଓ ସଞ୍ଚାଳନ କରିଥିଲେ। ଶେଷରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।



## ପାର୍କ, ପର୍ଯ୍ୟଟନସ୍ଥଳ, ସପିଙ୍ଗ ମଲ୍‌ରେ କଟିଲା ପ୍ରେମ ଦିବସ



ଭୁବନେଶ୍ୱର, ୧୪।୨(ସମିସ): ଶେଷ ହେଲା ପ୍ରେମ ସପ୍ତାହ। ପାର୍କ, ସିନେମା ହଲ୍, ସପିଂ ମଲ୍‌ରେ କଟିଲା ପ୍ରେମ ଦିବସ। ଭାଲେନଟାଇନ୍ସ ଡେ' କୁ ନିଜ ମନ ପସନ୍ଦର ସ୍ଥାନରେ ଉତ୍ସାହର ସହ ପାଳନ କରିଛନ୍ତି ପ୍ରେମୀଯୁଗଳ। ଶନିବାର ସକାଳୁ ସକାଳୁ କିଏ ହାତରେ ଫୁଲ ତୋଡ଼ା ଧରିଥିଲା ତ ଆଉ କେହି ମନ ପସନ୍ଦର ଉପହାର ନେଇ ଅପେକ୍ଷା କରିଥିଲା ମନର ମଣିଷକୁ। ଅନେକ ପାର୍କରେ କେକ୍ କାଟି ପ୍ରେମ ଦିବସକୁ ପାଳନ କରିଥିଲେ ଯୁବପିଢ଼ି। ସପ୍ତାହର ପ୍ରଥମ ଦିନ ଅର୍ଥାତ୍ ୭ ତାରିଖ ରୋଜ୍ ଡେ' ଠାରୁ ଆରମ୍ଭ କରି ୧୪ ତାରିଖ ଭାଲେନଟାଇନ୍ସ ଡେ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ନିଜ ମନର ମନର ମଣିଷ ସହ ଖୁସିର ମୁହୂର୍ତ୍ତ ବିତାଇଥିଲେ ସମସ୍ତେ। ପ୍ରେମ ଦିବସରେ ଅନେକ ପ୍ରେମୀଯୁଗଳ ଧର୍ମାନୁଷ୍ଠାନକୁ ଯାଇଥିବା ବେଳେ ଅନେକଙ୍କୁ ସିନେମା ହଲ୍‌ରେ ଦେଖିବାକୁ ମିଳିଥିଲା। ସେହିପରି କିଏ ଲଙ୍ଗ୍ ଡ୍ରାଇଭରେ ଯାଇଥିଲେ। ବଡ଼ ବଡ଼ ସପିଂ ମଲରେ କିଣାକିଣି ବି ଜମିଥିଲା। କେବଳ ସେତିକି ନୁହେଁ ରାଜଧାନୀରେ ଥିବା ବିଭିନ୍ନ ପାର୍କ, ଖଣ୍ଡଗିରି, ଉଦୟଗିରି, ଧଉଳି ଆଦି ପର୍ଯ୍ୟଟନସ୍ଥଳରେ ମଧ୍ୟ ପ୍ରେମୀଯୁଗଳଙ୍କୁ ଦେଖିବାକୁ ମିଳିଥିଲା। ତେବେ ପ୍ରେମ ଦିବସରେ କେବଳ ଯୁବପିଢ଼ୀ ନୁହଁନ୍ତି ବରଂ ସବୁ ବର୍ଗର ଲୋକମାନେ ନିଜ ମନର ମଣିଷକୁ ଉପହାର ଦେଇ ଏହି ଦିନକୁ ପାଳନ କରିଛନ୍ତି। ସେହିପରି ପ୍ରେମ ଦିସବ ଉପଲକ୍ଷେ ସାମାଜିକ ଗଣମାଧ୍ୟମରେ ପ୍ରେମୀଯୁଗଳଙ୍କ ସମେତ ଦମ୍ପତିଙ୍କ ଫଟୋ ଛାଇ ଯାଇଛି।

